

“ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। କାରଣ ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଉତ୍କଳ ଯାଦବ ମହାସଭା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ସଭା, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ଇଷ୍ଟର୍ନ ଫାଉଣ୍ଡେଶନ ଅଫ ଆର୍ଟ ଆଣ୍ଡ କଲଚରର ୪ର୍ଥ ବାର୍ଷିକ ଉତ୍ସବ, ଧଉଳି କଲେଜ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟସ, ଅପରାହ୍ନ ୪ଟା।
- ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ପକ୍ଷରୁ ବକ୍ତୃତା ସମାରୋହ, ଉତ୍କଳ ଭବନ ପ୍ରେକ୍ଷାଳୟ, ଅପରାହ୍ନ ୫ଟା।
- ଅବନୀ ବରାଳ ଫାଉଣ୍ଡେଶନ ପକ୍ଷରୁ ଅବନୀ ବରାଳଙ୍କ ୮୫ତମ ଜୟନ୍ତୀ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନର ୨୭ତମ ବାର୍ଷିକୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଭାରତୀୟ ବିଦ୍ୟାଭବନ ଓ ଇନ୍ଫୋସିସ୍ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଲୋକକଳା ଉତ୍ସବ, ମୁନ୍ସିହଲ, ଭାରତୀୟ ବିଦ୍ୟାଭବନ, ଖାରବେଳ ନଗର, ସନ୍ଧ୍ୟା ୬ଟା ୩୦।

**ପୁରୀ**

- ପୁରୀ ପରିବେଶ ସୁରକ୍ଷା ପରିଷଦ ପକ୍ଷରୁ ଆଲୋଚନା ଚକ୍ର, ଦେଉଳିମଠ, କାକଟପୁର, ପୂର୍ବାହ୍ନ ୧୦ଟା ୩୦।

## ରାଜଧାନୀରେ ଶିଶୁକନ୍ୟାଙ୍କୁ ବଳାତ୍କାର ଘଟଣା

## ଏନ୍ଏଚ୍ଆର୍ସିରେ ମାମଲା

**କଟକ ଅଫିସ,୨।୬:** ରାଜଧାନୀ ଭୁବନେଶ୍ୱରରେ ଏକ ୬ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆରସି)ରେ ମାମଲା ରୁଜୁ ହୋଇଛି। ମାନବାଧିକାର କର୍ମୀ ଜୟନ୍ତ ଦାସଙ୍କ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଛି। ପିଟିଶନରେ ଦର୍ଶାଯାଇଛି ଯେ, ବଳାତ୍କାରର ଶିକାର ହୋଇଥିବା ଶିଶୁକନ୍ୟାଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ମାମଲା ରୁଜୁ ହୋଇଥିଲା। ମାତ୍ର ଓଡ଼ିଶା ଗୃହ ବିଭାଗର ପୀଡ଼ିତା କ୍ଷତିପୂରଣ ଯୋଜନା ଅନୁଯାୟୀ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବା କଥା। ହେଲେ ଅଦ୍ୟାବଧି ତାହା କରାଯାଇନାହିଁ। ଫଳରେ ପୀଡ଼ିତା ଶିଶୁକନ୍ୟା ଜଣକ ନିଜ ନ୍ୟାଯ୍ୟ ଦାବିରୁ ବଞ୍ଚିତ ହେବା ସହିତ ଏହା ମାନବାଧିକାରର ଉଲ୍ଲଂଘନ ବୋଲି ଦାସ ପିଟିଶନରେ ଉଲ୍ଲେଖ କରିଛନ୍ତି। ତେଣୁ ତୁରନ୍ତ ପୀଡ଼ିତାଙ୍କୁ କ୍ଷତିପୂରଣ ଦେବା ନିମନ୍ତେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ଦାସ ପିଟିଶନରେ ନିବେଦନ କରିଛନ୍ତି। ସୂଚନାଥାଉ କି, ଉକ୍ତ ଘଟଣାଟି ଏପ୍ରିଲ ୧୯ ତାରିଖରେ ଶହୀଦନଗର ଥାନା ଅଞ୍ଚଳରେ ଘଟିଥିଲା। ଅଭିଯୁକ୍ତ ଜଣଙ୍କ ହେଉଛନ୍ତି ବୀରେନ୍ଦ୍ର ପ୍ରଧାନ (୪୧) ଓ ତାଙ୍କ ଘର କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଅଞ୍ଚଳରେ। ସେ ଶହୀଦନଗର ଥାନା ଅଞ୍ଚଳର ଏକ ବସ୍ତିରେ ରହି ମଜୁରିଆ ଭାବେ କାମ କରନ୍ତି। ଶିଶୁକନ୍ୟାଙ୍କ ପରିବାର ନିକଟସ୍ଥ ଅଞ୍ଚଳରେ ରୁହନ୍ତି। ଏପ୍ରିଲ ୧୯ ତାରିଖ ରାତିରେ ବୀରେନ୍ଦ୍ର ଶିଶୁକନ୍ୟାଙ୍କ ଘରକୁ ଯାଇଥିଲେ। ସେହି ସମୟରେ ଶିଶୁକନ୍ୟା ଜଣକ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ବୀରେନ୍ଦ୍ର ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।

## ବିଦ୍ୟୁତ୍ ଆଘାତରେ ଏସି ମେକାନିକ ମୃତ

**ଭୁବନେଶ୍ୱର, ୨।୬(ବ୍ୟୁରୋ):** ଶହୀଦନଗର ଥାନା ଭିଏସ୍ଏସ୍ନଗରରେ ବିଦ୍ୟୁତ୍ ଆଘାତରେ ଜଣେ ଏସି ମେକାନିକ୍ ଦୁଇ ମହଲାରୁ ଖସି ପଡ଼ିଯିବାରୁ ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ନିଆଳି କୋରକରା ଗ୍ରାମର ମନୋଜ କୁମାର ପଣ୍ଡା(୨୮)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମନୋଜ ପୁରୁଣାଭୁବନେଶ୍ୱର ଅଞ୍ଚଳରେ ରହି ଏସି ମେକାନିକ ଭାବେ କାମ କରନ୍ତି। ରବିବାର ମନୋଜ ଭିଏସ୍ଏସ୍ନଗର ପ୍ଲଟ୍ ନଂ. ଏମ୍/୯୦ରେ ଏସି ସଜାଡୁଥିଲେ। ହେଲେ ଅସାବଧାନତା ବଶତଃ ତାଙ୍କୁ ବିଦ୍ୟୁତ୍ ସଂସ୍ପର୍ଶରେ ଚାଲି ଆସିଥିଲେ। ସେ ଦୁଇ ମହଲାରୁ ଖସି ପଡିଥିଲେ। ଫଳରେ ତଳେ ପଡି ତାଙ୍କର ମୁଣ୍ଡ ଏବଂ ଛାତି ମାଡ ହୋଇଯାଇଥିଲା। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସାପ କାମୁଡ଼ାରେ ଜଣେ ମୃତ

**ବ୍ରହ୍ମଗିରି,୨।୬(ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଭାବିନୀପୁର ଗ୍ରାମର ଜଣେ ବ୍ୟକ୍ତି ରବିବାର ସାପ କାମୁଡାରେ ମୃତ୍ୟୁ କରିଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ରଘୁନାଥ ସାହୁ (୫୨) ଙ୍କୁ ରବିବାର ସକାଳେ ଏକ ବିଷଧର ସାପ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। କିନ୍ତୁ ଚିକିତ୍ସା ପୂର୍ବରୁ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।







ସାବିତ୍ରୀ ପାଇଁ ଭୁବନେଶ୍ୱରର ଏକ ଶାଢ଼ି ଓ ଫଳ ଦୋକାନରେ ଲୋକଙ୍କ ଭିଡ଼।

# ଭାରି ପଡ଼ିଲା ଫଳ ଦର

**ଭୁବନେଶ୍ୱର,୨।୬(ବ୍ୟୁରୋ)**

ସୋମବାର ସାବିତ୍ରୀ ପୂଜା। ସଧବା ଓଡ଼ିଆ ନାରୀଙ୍କ ପାଇଁ ଏହା ହେଉଛି ବହୁ ପ୍ରତୀକ୍ଷିତ ଦିନ। ସତ୍ୟବାନ ଓ ସାବିତ୍ରୀଙ୍କ ପବିତ୍ର ତଥା ଅତୁଟ ସମ୍ପର୍କ ଭଳି ସ୍ୱାମୀ, ସ୍ତ୍ରୀର ସମ୍ପର୍କକୁ ପବିତ୍ର କରିବାକୁ ପାଳନ ହୁଏ ଏହି ପର୍ବ। ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ସ୍ତ୍ରୀମାନେ ନୂଆ ଶାଢ଼ି, ଚୁଡି ପିନ୍ଧି ପୂଜା କରିଥାନ୍ତି। ଓଡ଼ିଆ ପରମ୍ପରା ସହ ନିବିଡ଼ ଭାବେ ଜଡ଼ିତ ଏହି ସାବିତ୍ରୀ ବ୍ରତ ପାଳନ କରିବାକୁ ଚଳଚଞ୍ଚଳ ହୋଇଉଠିଛି ରାଜଧାନୀ ଭୁବନେଶ୍ୱର। ଶାଢ଼ି ଦୋକାନଠାରୁ ଆରମ୍ଭ କରି ଫଳ, ଚୁଡି ଓ ପରିବା ଦୋକାନରେ ରବିବାର ଦିନତମାମ ଲାଗିରହିଥିଲା ପ୍ରବଳ ଗହଳି। ଦିନରେ ପ୍ରବଳ ଗୁଳୁଗୁଳି ଓ ଖରା ସତ୍ତ୍ୱେ ଦୋକାନ ବଜାରରେ ଭିଡ଼ ରହିଥିବାବେଳେ ସନ୍ଧ୍ୟାପରେ ଲମ୍ବାଧାଡି ଲାଗିଥିବା ଦେଖିବାକୁ ମିଳିଥିଲା।

ରାତି ପାହିଲେ ସାବିତ୍ରୀ ପୂଜା ହୋଇଥିବାରୁ ରବିବାର ସହରର ଫଳ ଦୋକାନଗୁଡ଼ିକରେ ଫଳ ଦର ଆକାଶଛୁଆଁ ହୋଇଥିଲା। ଅନ୍ୟଦିନଠାରୁ ପ୍ରତି ଫଳ କିଲୋପିଛା ୩୦ରୁ ୪୦ଟଙ୍କା ପର୍ଯ୍ୟନ୍ତ ଅଧିକ ରହିଥିଲା। ସେଓ, କଦଳୀ, ତାଳ, ସପେଟା, ଲିଚୁକୋଳି, ଆମ୍ବ, ତାଳ, ସପୁରି, ପଣସ, ଖଜୁରିକୋଳି, ଜାମୁରୋଳ, କେନ୍ଦୁ ପ୍ରଭୃତି ଫଳର ଦାମ ଢ଼େର୍ ଅଧିକ ରହିଥିଲା। ୪୦ରୁ ୫୦ଟଙ୍କାରେ ବିକ୍ରି ହେଉଥିବା କଦଳୀ ଡଜନ୍ ୧୦୦ରୁ ୧୩୦ଟଙ୍କା ପର୍ଯ୍ୟନ୍ତ ରହିଥିଲା। ଫଳ କିଣିବାକୁ ଗ୍ରାହକମାନେ ୟୁନିଟ୍ ୧ ଓ ୪ ମାର୍କେଟ ସମେତ ସହରର ବିଭିନ୍ନ ସ୍ଥାନରେ ଥିବା ଫଳ, ଚୁଡ଼ି ଓ ପନିପରିବା ଦୋକାନରେ ଭିଡ ଜମାଇଥିଲେ।

### ଟ୍ରାଫିକ ଜାମ୍, ଫସି ରହିଲେ ଲୋକେ

ସତ୍ୟବାନଙ୍କ ଏହି ପୂଜା ଲାଗି ରବିବାର ସନ୍ଧ୍ୟାରେ ରାଜଧାନୀରେ ପ୍ରବଳ ଟ୍ରାଫିକ ଜାମ୍ ପରିଲକ୍ଷିତ ହୋଇଥିଲା। ଦିନରେ ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳି ହେଉଥିବାରୁ ଅଧିକାଂଶ ଲୋକ ସନ୍ଧ୍ୟାରେ ସାମଗ୍ରୀ କିଣାକିଣି କରିବାକୁ ଘରୁ ବାହାରିଥିଲେ। ତେଣୁ ଦିନରେ କ୍ୱଚିତ୍ ଭିଡ଼ ରହିଥିବାବେଳେ ଠିକ୍ ୪ଟା ପରଠାରୁ ଗହଳି ଆରମ୍ଭ ହୋଇଯାଇଥିଲା। ସନ୍ଧ୍ୟା ବେଳକୁ ୧୦ ମିନିଟ୍‌ର ରାସ୍ତା ପାର୍ ହେବାକୁ ୩୦ ମିନିଟରୁ ଅଧିକ



ସମୟ ଲାଗିଯାଉଥିଲା। ବିଶେଷକରି ଫଳବଜାର ନିକଟ ରାସ୍ତାଗୁଡ଼ିକରେ ଅଧିକ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। କଳ୍ପନା ଛକ ରାସ୍ତା, ଶ୍ରୀୟା ଟକିଜ୍ ଛକ ରୋଡ୍, ୧ ନମ୍ବର ମାର୍କେଟ ଛକରେ ଏଜିରୁ ରାଜମହଲ ପର୍ଯ୍ୟନ୍ତ ରାସ୍ତା, କଟକ ରୋଡ ଓ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ମୁଖ୍ୟ ରାସ୍ତାର ସ୍ଥିତି ସବୁଠୁ ଜଟିଳ ହୋଇଯାଇଥିଲା। ବହୁ ସମୟ ଧରି ଲୋକେ ଫସି ରହିଥିବା ଦେଖିବାକୁ ମିଳିଥିଲା। କେତେକ ସ୍ଥାନରେ ଦୁଇପଟେ ଗାଡ଼ି ପାର୍କିଂ ଏବଂ ଟ୍ରାଫିକ୍ ପୋଲିସ ପକ୍ଷରୁ ହେଉଥିବା ହେଲ୍‌ମେଟ ଚେକିଂ ସମସ୍ୟାକୁ ଆହୁରି ବଢାଇଦେଇଥିଲା। ରାସ୍ତା ଜାମ୍ ଯୋଗୁ ସାଧାରଣ ଲୋକ ଯିବା ଆସିବାରେ ସମସ୍ୟାର ସମ୍ମୁଖୀନ ହୋଇଥିଲେ।

### ଜମିଥିଲା ଶାଢ଼ି ବେପାର

ସାବିତ୍ରୀ ଉପଲକ୍ଷେ ରାଜଧାନୀର ଶାଢ଼ି ଦୋକାନଗୁଡ଼ିକରେ ବେଶ୍ ଭଲ ବେପାର ହୋଇଛି। ପ୍ରାୟ ସପ୍ତାହେ ହେବ ସହରରେ ଶାଢ଼ି ବ୍ୟବସାୟ ଜମିଥିଲାବେଳେ ସାବିତ୍ରୀର ପୂର୍ବଦିନ ରବିବାର ସବୁଠୁ ଅଧିକ ବ୍ୟବସାୟ ହୋଇଥିଲା। ବିଶେଷକରି ମାର୍କେଟ ବିଲ୍ଡିଂ ଓ ବିଭିନ୍ନ ମଲ୍‌ରେ ଦିନଯାକ ମହିଳାମାନେ କିଣାକିଣି କରିଥିଲେ। କିଏ ନିଜ ପାଇଁ କିଣୁଥିଲେ ତ ଆଉ କିଏ ସମ୍ପର୍କୀୟଙ୍କ ପାଇଁ କିଣିଥିଲେ। ସାବିତ୍ରୀ ପାଇଁ ବଜାରକୁ ଅନେକ ନୂଆ ଡିଜାଇନ୍‌ର ଶାଢ଼ି ଆସିଥିବାରୁ ଗ୍ରାହକଙ୍କ ପାଖରେ ଅଧିକ ଅପ୍‌ଶନ ରହିଥିଲା। ଶାଢ଼ି ବ୍ୟବସାୟୀ ରବୀନ୍ଦ୍ର ବେହେରାଙ୍କ କହିବାନୁଯାୟୀ, ଏଥର ସାବିତ୍ରୀରେ ଭଲ ବ୍ୟବସାୟ ହୋଇଛି। ଫ୍ୟାନ୍ସି ଶାଢ଼ି ଏତେ ବିକ୍ରି ହୋଇ ନ ଥିଲେ ବି ଅନ୍ୟ ଭେରାଇଟିର ସାଦାସିଧା ଶାଢ଼ି ବେଶୀ ବିକ୍ରି ହୋଇଛି। ପିଓର କଟନ ଏବଂ ସିଲ୍କ ଶାଢ଼ିର ଡିମାଣ୍ଡ୍ ଅଧିକ ରହିଥିଲା। ନେଟ୍ ଓ ଜର୍ଜେଟ୍ ଶାଢ଼ିକୁ ବି ବହୁ ଗ୍ରାହକ ପସନ୍ଦ କରିଥିଲେ।

### କେମିତି ରହିଥିଲା ବଜାର ଦର

| ଫଳ ଦର | |
|---|---|
| ସେଓ (କେଜି ପିଛା) | ୧୫୦ରୁ ୨୫୦ ଟଙ୍କା |
| ଆମ୍ବ (କେଜି ପିଛା) | ୭୦ରୁ ୧୦୦ଟଙ୍କା |
| ପିଜୁଳି (କେଜି ପିଛା) | ୧୦୦ଟଙ୍କା |
| କଦଳୀ (ଡଜନ୍) | ୧୦୦ରୁ ୧୩୦ଟଙ୍କା |
| ସପେଟା, ଜାମୁରୋଳ, କେନ୍ଦୁ (ଗୋଟା) | ୧୦ଟଙ୍କା |
| ପଣସ (ଗୋଟା) | ୧୦୦ରୁ ୩୦୦ ଟଙ୍କା |
| ସପୁରି (ଗୋଟା) | ୫୦ରୁ ୧୦୦ଟଙ୍କା |
| ଖଜୁରି (୫ଟା) | ୧୦ଟଙ୍କା |
| **ପରିବା ଦର (କେଜି ପିଛା)** | |
| ପୋଟଳ | ୩୦ରୁ ୫୦ ଟଙ୍କା |
| ବାଇଗଣ | ୩୦ରୁ ୫୦ ଟଙ୍କା |
| ଭେଣ୍ଡି | ୩୦ରୁ ୫୦ ଟଙ୍କା |
| ଟମାଟୋ | ୬୦ରୁ ୭୦ ଟଙ୍କା |
| କାକୁଡ଼ି | ୩୦ରୁ ୫୦ ଟଙ୍କା |
| ଗାଜର | ୩୦ରୁ ୪୦ଟଙ୍କା |
| ମୂଳା ବିଡ଼ା | ୨୦ରୁ ୨୫ |
| କୁନ୍ଦୁରି | ୩୦ରୁ ୪୦ଟଙ୍କା |
| କଖାରୁ | ୨୦ ଟଙ୍କା |
| କାଙ୍କଡ଼ | ୬୦ରୁ ୮୦ଟଙ୍କା |
| କଲରା | ୪୦ରୁ ୫୦ ଟଙ୍କା |
| ସଜନା ଛୁଇଁ | ୮୦ଟଙ୍କା |
| ବନ୍ଧା କୋବି | ୩୦ଟଙ୍କା |
| ବିନ୍ସ | ୮୦ରୁ ୧୦୦ ଟଙ୍କା |
| ଝୁଡ଼ଙ୍ଗ | ୪୦ରୁ ୫୦ |
| କଞ୍ଚାଲଙ୍କା | ୧୦୦ ଟଙ୍କା |

## ସିଂହୀ ଶ୍ୟାମା ଅସୁସ୍ଥ

**ନରାଜ,୨।୬(ଡି.ଏନ୍.ଏ.)**

ନନ୍ଦନକାନନକୁ ଗତ ମେ ମାସଠାରୁ ଗୋଟିଏ ପରେ ଗୋଟିଏ ବିପଦ ମାଡିବସୁଛି। ଏଥିରେ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଥିବାବେଳେ ପର୍ଯ୍ୟଟକ ନିରାଶ ହେଉଛନ୍ତି। ବାତ୍ୟାରେ ପ୍ରଥମେ ସବୁଜିମା ନଷ୍ଟ ହେଲା ପରେ ମେ ୨୯ରେ ବଣମଣିଷ ବିନି ପରେ ନୀଳଗିରି ଲାଙ୍ଗୁର ମୃତ୍ୟୁ ଘଟିଛି। ଏବେ ପୁଣି ମାଈ ସିଂହୀ ଶ୍ୟାମାର ବାମକାନ ପାଖରେ ଏକ ବଡ ଟ୍ୟୁମର ହୋଇ ସିଂହୀଟି ଅସୁସ୍ଥ ଥିବାରୁ ନନ୍ଦନକାନନ ପାଇଁ ସଂକଟ ବୃଦ୍ଧି ପାଇଛି। ପାଗ ଥଣ୍ଡା ହେଲେ ସିଂହୀ ଶ୍ୟାମାର ଅସ୍ତ୍ରପ୍ରଚାର କରାଯିବ ବୋଲି ବରିଷ୍ଠ ପ୍ରାଣୀ ଚିକିତ୍ସକ ଡ. ଆଲୋକ ଦାସ ଓ ପ୍ରାଣୀ ଚିକିତ୍ସକ ଡ.ଶରତ ସାହୁ କହିଛନ୍ତି। ଅନ୍ୟପଟେ ନନ୍ଦନକାନନ ସଫାରିରେ ଆହୁରି ଅଧିକ ସିଂହ ବିଚରଣ କରିବା ପାଇଁ ପର୍ଯ୍ୟଟକ ଦାବି କରୁଛନ୍ତି।

ସୂଚନା ମୁତାବକ, ୨୦୧୩ ମାର୍ଚ୍ଚ ୨୫ରେ ଗୁଜୁରାଟର ତତ୍କାଳୀନ ସରକାର ଏକ ଯୋଡା ଏସିଆ ପ୍ରଜାତିର ସିଂହ ନନ୍ଦନକାନନକୁ ଦାନରେ ଦେଇଥିଲେ। ସେମାନଙ୍କ ନାମ ଥିଲା ପିସାନ ଏବଂ ଶ୍ୟାମା। ଆଜିପର୍ଯ୍ୟନ୍ତ ଏମାନଙ୍କର ବଂଶ ବୃଦ୍ଧି ହୋଇପାରି ନାହିଁ। ତେବେ ଏଠାରେ ଥିବା ରାଧା ଇସ୍ରାଇଲରୁ ଆସିଥିବା କ୍ରିସ (ଅଣ୍ଡିରା)ର ମିଳନ କରାଯାଇ ୨୦୧୫ ଜୁଲାଇ ୨୩ରେ ଦୁଇଟି ଛୁଆ ଜନ୍ମ ହୋଇଥିଲା। ଗୋଟିକର ମୃତ୍ୟୁ ଘଟିଥିଲାବେଳେ ଅନ୍ୟ ମାଈ ଛୁଆଟି



ବଡ଼ ହେବା ପରେ ତା'ର ନାମ କଳ୍ପନା ରଖାଯାଇଥିଲା। ୨୦୧୮ରେ ରାଧା ଓ କ୍ରିସଙ୍କ ଔରସରୁ ଆଉ ଦୁଇଟି ସିଂହ ଛୁଆ ଜନ୍ମ ହୋଇଥିଲା। ଗୋଟିଏ ମୃତ ଥିବାବେଳେ ବଞ୍ଚିଥିବା ଅଣ୍ଡିରା ଛୁଆଟିକୁ କର୍ତ୍ତୃପକ୍ଷ ପାଳନ କରି ତା'ର ନାମ ଜିତୁ ରଖାଯାଇଛି। ବର୍ତ୍ତମାନ ନନ୍ଦନକାନନରେ ମୋଟ ୧୨ଟି ସିଂହ ରହିଛନ୍ତି। ଖୁଆଡ ନଂ.୨୮(କ)ରେ କଳ୍ପନା ଓ ଜିତୁ ରହୁଛନ୍ତି। ଖୁଆଡ ନଂ ୨୯ (କ) ଦୁଇଟି ଆଫ୍ରିକୀୟ ସିଂହ ରହିଛନ୍ତି। ଖୁଆଡ ନଂ୨୯(ଖ)ରେ ଗୋଟିଏ ହାଇବ୍ରିଡ ମାଈ ସିଂହ ରହୁଛି। ସେହିପରି ଭାବେ ସଫାରିକୁ ୩ ଓ ୨ କରି ଛଡା ଯାଉଛି। ପିସାନ ଓ ଶ୍ୟାମାକୁ ଫିଡିଂ ଚାମ୍ବରରେ ରଖାଯାଇଛି।

## ଏଭରେଷ୍ଟ ଶୃଙ୍ଗରେ ନୀଳଚକ୍ର ପତାକା ସ୍ଥାପନ କରିଥିଲେ କଳ୍ପନା

**ପୁରୀ ଅଫିସ, ୨।୬**

ଏଭରେଷ୍ଟ ଆରୋହଣକାରୀ କଳ୍ପନା ଦାଶ ଶ୍ରୀଜଗନ୍ନାଥଙ୍କର ଜଣେ ଭକ୍ତ ଥିଲେ। ଏଭରେଷ୍ଟ ଆରୋହଣ ସମୟରେ ସେ ଶ୍ରୀମନ୍ଦିର ନୀଳଚକ୍ରର ପତାକା ସାଙ୍ଗରେ ନେଇ ଏଭରେଷ୍ଟ ଶୃଙ୍ଗରେ ସ୍ଥାପନ କରିଥିଲେ। ଏହାଦ୍ୱାରା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ମହିମା ଏବଂ ମାହାତ୍ମ୍ୟର ବାର୍ତ୍ତା ମଧ ବିଶ୍ୱରେ ପହଞ୍ଚିଥିଲା। ତାଙ୍କର ଅକାଳ ବିୟୋଗରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଗଭୀର ଶୋକ ପ୍ରକାଶ କରି ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଓଡ଼ିଶାର ଜଣେ ଦକ୍ଷ ଓ ନିର୍ଭୀକ ପର୍ବତାରୋହୀ ରୂପେ ସେ ଚିରସ୍ମରଣୀୟ ହୋଇରହିବେ ବୋଲି ମହାପାତ୍ର କହିଥିଲେ। ଗତ ୨୩ତାରିଖରେ କଳ୍ପନା ବିଶ୍ୱର ସର୍ବୋଚ୍ଚ ଶୃଙ୍ଗ ଏଭରେଷ୍ଟ ଶିଖରରୁ ଅବତରଣ କରୁଥିବାବେଳେ ଅସୁସ୍ଥ ହୋଇ ଏଭରେଷ୍ଟ ବାଲକୋନି ଏରିଆରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।



ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଶୋକାକୁଳ ପରିବାରବର୍ଗ ଓ ଅନ୍ୟମାନେ।







କଳ୍ପନାଙ୍କ ମରଶରୀର ପୁରୀରେ ପହଞ୍ଚିବା ପରେ ସ୍ୱର୍ଗଦ୍ୱାରକୁ ନିଆଯାଉଛି।

### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ହରପ୍ରିୟା



ବିଶ୍ୱରଞ୍ଜନ



ମାନସ



ସନ୍ତୋଷ



ପୀୟୂଷ



ରାହୁଲ



ପ୍ରଶାନ୍ତ

# ଏଯାଏ ଶୁଖିନି କ୍ଷତ

ପୁରୀ ଅଫିସ: ବାତ୍ୟା ଫନୀକୁ ମାସେ ପୂରିଯାଇଛି। ହେଲେ ତା'ର କ୍ଷତ ଏ ଯାଏ ଶୁଖିନି। ଧୀରେ ଧୀରେ ପୁରୀର ସ୍ୱାଭାବିକ ସ୍ଥିତି ଫେରୁଥିବା ବେଳେ ଆଜି ବି ବିଭିନ୍ନ ସ୍ଥାନରେ ରହିଛି ଖଣ୍ଡିଆ ଖାବରାର ଦାଗ। ସାହି ଗଳିରୁ ଏ ପର୍ଯ୍ୟନ୍ତ ଅଳିଆ ଆବର୍ଜନା ବୁହା ଚାଲିଛି। ଭଙ୍ଗା ଘର, ଗଛ ଆଉ ବିଦ୍ୟୁତ୍ ଖୁଣ୍ଟ ଏବେ ବି ବାତ୍ୟାର ଭୟାବହତାକୁ ମନେ ପକାଇ ଦେଉଛି। ବେସାହାରା ହୋଇପଡିଥିବା ଅନେକ ଲୋକ ଏ ଯାଏ ଜୀବନ ଜୀବିକାର ରାହା ଧରିନାହାନ୍ତି। ଦୂରଦର୍ଶନଠାରୁ ଦୂରଭାଷ ପର୍ଯ୍ୟନ୍ତ ବେସଜଡ଼ା ହୋଇ ପଡ଼ିରହିଛି। ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶ୍ରୀହୀନ ଦିଶୁଛି। ପେଣ୍ଟକଟାର ମତ୍ସ୍ୟଜୀବୀ ହୁଅନ୍ତୁ କି ସାତପଡ଼ାର ଡଙ୍ଗାଚାଳକ ସମସ୍ତଙ୍କ ମୁହଁରେ ହତାଶବୋଧର ଚିତ୍ର। ସେମିତି ଅନେକ ଜୀବନ ନେଇଛି ଫନୀ। କାହାକୁ ବାପଛେଉଣ୍ଡ କରିଛି ତ ଆଉ କାହାକୁ ଦିବ୍ୟାଙ୍ଗ ସଜାଇ ଦେଇଛି। ଏମିତି ଦୁଃଖ, କୋହ ଏବଂ ଲୁହରେ ଦିନ କାଟୁଛନ୍ତି ବାତ୍ୟା ବିପନ୍ନ। ମାସେ ପରେ ପୁରୀର ସ୍ଥିତିକୁ ନେଇ ଆମର ଉପସ୍ଥାପନା... (ରିପୋର୍ଟ: ହେମନ୍ତ କୁମାର ନାୟକ)

## ରିଲିଫ୍ ଓ ପୁନରୁଦ୍ଧାର

ବାତ୍ୟା ପରେ ସରକାର ରିଲିଫ୍ ଏବଂ ପୁନରୁଦ୍ଧାର କାମକୁ ଗୁରୁତ୍ୱ ଦେଇଥିଲେ। ପ୍ରଥମେ ଭୁବନେଶ୍ୱର ପୁରୀ ଜାତୀୟ ରାଜପଥରେ ପଡିଥିବା ଗଛ ଏବଂ ବିଦ୍ୟୁତ୍ ଖୁଣ୍ଟ ସଫା କରାଯାଇଥିଲା। ଫଳରେ ପୁରୀକୁ ରିଲିଫ୍ ଗାଡି, ଅଧିକ ଏନ୍‌ଡିଆରଏଫ୍ ଏବଂ ଓଡ୍ରାଫ୍ ଟିମ୍ ଆସିଥିଲେ। ଏହାପରେ ଆରମ୍ଭ ହୋଇଥିଲା ରାସ୍ତାଘାଟ ସଫେଇ ଏବଂ ଲୋକଙ୍କ ପାଖରେ ରିଲିଫ୍ ପହଞ୍ଚାଇବା କାମ। ବାତ୍ୟା ପୂର୍ବରୁ ମଧ୍ୟ ପ୍ରଶାସନ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳରେ ଲୋକଙ୍କୁ ରନ୍ଧାଖାଦ୍ୟ ସହ ଚୁଡା, ଗୁଡ଼ ପ୍ରଦାନ କରିଥିଲା। ବାତ୍ୟା ପରେ ଚୁଡ଼ା, ଗୁଡ଼, ପଲିଥିନ, ଚାଉଳ ପ୍ରଭୃତି ସାମଗ୍ରୀ ଦିଆଯାଇଥିଲା। ଏହାପରେ ସରକାରଙ୍କ ପକ୍ଷରୁ ପ୍ରଥମେ ଖାଦ୍ୟ ସୁରକ୍ଷା କାର୍ଡଧାରୀ ଏବଂ ପରେ ବିନା କାର୍ଡଧାରୀଙ୍କୁ ୨ ହଜାର ଟଙ୍କା ଏବଂ ୫୦ କେଜି ଚାଉଳ ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ପୁରୀ ଜିଲାର କ୍ଷତିଗ୍ରସ୍ତଙ୍କୁ ଆଉ ୧ ହଜାର ଟଙ୍କା ଲେଖାଏ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହି ସହାୟତା କେତେକ ଅଞ୍ଚଳରେ ଦିଆସରିଥିବାବେଳେ ଏବେ ବି ବଣ୍ଟା ଚାଲିଛି। ଏତଦ୍‌ବ୍ୟତୀତ କିରୋସିନ, ପିଲାଙ୍କ ପାଇଁ ବିସ୍କୁଟ, କ୍ଷୀର ପ୍ୟାକେଟ ମଧ୍ୟ ଦିଆଯାଇଛି। କେଉଁ ଅଞ୍ଚଳକୁ ଏକାଧିକ ରିଲିଫ୍ ଗାଡି ଯାଇଥିବା ବେଳେ ଆଉ କେତେକ ଅଞ୍ଚଳର ବିପନ୍ନ ଭୋକ ଉପାସରେ ରହିବାରୁ ଏକାଧିକଥର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ହୋଇଛି। ବାତ୍ୟାରେ ଭାଙ୍ଗିଥିବା ଘର ଏବଂ ଅନ୍ୟାନ୍ୟ କ୍ଷୟକ୍ଷତିର ଆକଳନ କରାଯାଇଥିବା ବେଳେ ଏ ନେଇ ଖୁବଶୀଘ୍ର ସହାୟତା ପ୍ରଦାନ କରାଯିବ ବୋଲି ଜଣାପଡିଛି।

## ସ୍ୱାଭାବିକ ହେଲାଣି ଜଳ ଯୋଗାଣ

ବାତ୍ୟା ପରେ ଲୋକଙ୍କ ନିକଟରେ ପାନୀୟ ଜଳ ପହଞ୍ଚାଇବା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ଥିଲା। ତେବେ ଏଥିରେ କିଛି ମାତ୍ରାରେ ସଫଳ ହୋଇଥିଲା ପ୍ରଶାସନ। ବାତ୍ୟାର ଦିନକ ପରେ ପାଇପ ଜଳ ଯୋଗାଣ କିଛି କିଛି ଅଞ୍ଚଳକୁ ସ୍ୱାଭାବିକ ହୋଇଥିଲା। ପରେ ପରେ ଟ୍ୟାଙ୍କର ଏବଂ ସିନ୍‌ଟେକ୍ସ ମାଧ୍ୟମରେ ଜଳ ଯୋଗାଣ କରାଯାଇଥିଲା। ୫/୭ ଦିନ ପରେ ପାଣି ସମସ୍ୟା ଧୀରେ ଧୀରେ ସମାଧାନ ହେବାକୁ ଲାଗିଥିଲା। କିନ୍ତୁ ଏବେ ବି ସହର ଉପକଣ୍ଠ କେତେକ ଅଞ୍ଚଳକୁ ପାନୀୟ ଜଳ ଠିକ୍ ଭାବେ ପହଞ୍ଚି ପାରିନାହିଁ ।

## ଫେରୁଛି ସବୁଜିମା

ବାତ୍ୟାରେ ପୁରୀ ଜିଲାରେ ଲକ୍ଷ ଲକ୍ଷ ଗଛ ନଷ୍ଟ ହୋଇଯାଇଛି। ଅନେକ ଗଛ ଉପୁଡ଼ି ପଡିଥିବାବେଳେ ଆଉ କେତେକ ଗଛର ଡାଳ ଭାଙ୍ଗିପଡିଛି। ପୁଣି କିଛି ଗଛ ଅଧାରୁ ଭାଙ୍ଗି ପଡିଥିବା ବେଳେ ବହୁଗଛ ନଇଁ ରହିଛି। ତେବେ ଅଧା ଭଙ୍ଗା ଏବଂ ନଇଁ ପଡିଥିବା ଗଛଗୁଡ଼ିକରେ ଧୀରେ ଧୀରେ ସବୁଜିମା ଫେରିବା ଆରମ୍ଭ କରିଦେଇଛି। ଗଛଗୁଡ଼ିକରେ ପତ୍ର କଅଁଳିଲାଣି। ତେବେ ବାତ୍ୟାରୁ ଅଳ୍ପକେ ବର୍ତ୍ତି ଥିବା ଏହି ଗଛଗୁଡ଼ିକ ପୁଣି ଠିଆ ହେବାକୁ ଚେଷ୍ଟା କରୁଛନ୍ତି। ବନ ବିଭାଗ ମଧ୍ୟ ନଇଁ ପଡିଥିବା ଗଛଗୁଡ଼ିକୁ ସଳଖ କରୁଛି। ଆଗକୁ ବର୍ଷା ଆସୁଥିବାରୁ ପୁଣି ଧୀରେ ଧୀରେ ପୁରୀରେ ସବୁଜିମା ଫେରିଆସିବ ବୋଲି କୁହାଯାଉଛି ।

## ମୁଣ୍ଡ ଟେକୁଛି ପର୍ଯ୍ୟଟନ ଶିଳ୍ପ

ପର୍ଯ୍ୟଟନ ସହର ପୁରୀ। ପ୍ରତିଦିନ ଦେଶ ବିଦେଶର ପର୍ଯ୍ୟଟକ ପୁରୀ ବୁଲିବାକୁ ଆସିଥାନ୍ତି। ଶ୍ରୀମନ୍ଦିର ଏବଂ ମନୋରମ ବେଳାଭୂମି ଏମାନଙ୍କ ପାଇଁ ଆକର୍ଷଣ ସାଜିଥାଏ। ଏହାଛଡା ପୁରୀର ଆଖପାଖରେ ଥିବା କୋଣାର୍କ ମନ୍ଦିର, ଚିଲିକା ଏବଂ ବିଭିନ୍ନ ଦର୍ଶନୀୟ ସ୍ଥାନକୁ ପର୍ଯ୍ୟଟକ ବୁଲି ଯାଇଥାନ୍ତି। ବାତ୍ୟା ପରଠାରୁ ଖାଁ ଖାଁ ରହିଥିଲା ଏହି ପର୍ଯ୍ୟଟନ ସହର। ବାତ୍ୟାରେ ବିଭିନ୍ନ ପର୍ଯ୍ୟଟନସ୍ଥଳୀ କ୍ଷତିଗ୍ରସ୍ତ ହୋଇଥିବା ବେଳେ ପର୍ଯ୍ୟଟକଙ୍କ ରହଣିର ମାଧ୍ୟମ ହୋଟେଲ ଶିଳ୍ପର ଅଣ୍ଟା ଭାଙ୍ଗିପଡିଛି। ସହରର ପ୍ରାୟ ସବୁ ହୋଟେଲ ଅଳ୍ପ ବହୁତେ କ୍ଷତିଗ୍ରସ୍ତ ହୋଇଥିବାରୁ ପର୍ଯ୍ୟଟକଙ୍କ ଆଗମନ ପ୍ରାୟ ବନ୍ଦ ରହିଥିଲା। ହେଲେ ଏବେ ଅଧିକାଂଶ ହୋଟେଲକୁ ବିଦ୍ୟୁତ୍, ପାଣି ସ୍ୱାଭାବିକ ହୋଇଗଲାଣି। ବହୁ ହୋଟେଲ ମାଲିକ ଭିତ୍ତିଭୂମିକୁ ସଜାଡି ପର୍ଯ୍ୟଟକଙ୍କ ରହଣି ଉପଯୋଗୀ କରିସାରିଛନ୍ତି। ଏବେ ବି ଅନେକ ହୋଟେଲରେ ମରାମତି କାମ ଚାଲିଛି। ଧୀରେ ଧୀରେ ପର୍ଯ୍ୟଟକମାନେ ପୁରୀକୁ ଆସୁଥିବା ବେଳେ ପର୍ଯ୍ୟଟନ ଶିଳ୍ପ ମୁଣ୍ଡ ଟେକିବା ଆରମ୍ଭ କରିଛି।

## ପୁନରୁଦ୍ଧାରରେ ଯାଇଛି ୨ ଜୀବନ

ବାତ୍ୟାରେ ପୁରୀ ଜିଲାର ୯୦,୦୦୦ ବିଦ୍ୟୁତ୍ ଖୁଣ୍ଟ, ୩୩ କେଭି ୧୬୯ କିମି, ୧୧ କେଭି ୨,୫୬୦ କିମି ଓ ୩,୦୧୧ କିମି ଏଲ୍‌ଟି ଲାଇନ୍ ନଷ୍ଟ ହୋଇଥିଲା। ତେବେ ବିଦ୍ୟୁତ୍ ଯୋଗାଣକୁ ସ୍ୱାଭାବିକ କରିବା ଲାଗି ବିଭାଗ ପାଇଁ ଏକପ୍ରକାର ଚ୍ୟାଲେଞ୍ଜ ହୋଇଥିଲା। ଏପେଟ ଖରାଦିନ ଯୋଗୁ ଗୁଳୁଗୁଳିରେ ଲୋକେ ଅସ୍ତବ୍ୟସ୍ତ ହୋଇପଡିଥିଲେ। ପୁନରୁଦ୍ଧାର କାମ ଚାଲିଥିବା ବେଳେ ବିଭାଗୀୟ କର୍ମଚାରୀଙ୍କ ଅସାବଧାନତା ଯୋଗୁ ଖୁଣ୍ଟରେ ଚଢି କାମ କରୁଥିବା ୨ ଜଣଙ୍କର ମୃତ୍ୟୁ ଘଟିଛି।

## ଉତ୍ତପ୍ତ ସହର ପାଲଟିଛି ଭୁବନେଶ୍ୱର

ବାତ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା ପୁରୀ ଓ ଭୁବନେଶ୍ୱରର ସବୁଜ ବଳୟ। ପ୍ରାୟ ୨୫ଲକ୍ଷରୁ ଊର୍ଦ୍ଧ୍ୱ ଗଛ ଭାଙ୍ଗିବା ସହ ଉପୁଡ଼ି ଯାଇଥିଲା। ଏଥିମଧ୍ୟରୁ କେବଳ ଭୁବନେଶ୍ୱରରେ ୫ଲକ୍ଷରୁ ଅଧିକ ବୃକ୍ଷ ନଷ୍ଟ ହୋଇଥିଲା। ସବୁଠାରୁ ଦୁର୍ଭାଗ୍ୟଜନକ କଥାହେଲା, ଉପୁଡ଼ିଯାଇଥିବା କିମ୍ବା ଭାଙ୍ଗିଯାଇଥିବା ଗଛ ଭିତରୁ ଅଧିକାଂଶ ୪୦/୫୦ବର୍ଷ ତଳର। ଭୁବନେଶ୍ୱରର ରାସ୍ତାକଡ଼ରେ ରହିଥିବା ବଡ଼ ବଡ଼ ଗଛଗୁଡ଼ିକ ଉପୁଡ଼ି ପଡ଼ିଥିବାରୁ ସହରର ଫୁଟ୍‌ପାଥରେ ଚାଲିବା ଏବେ ଲୋକଙ୍କ ପାଇଁ କଷ୍ଟଦାୟକ ହୋଇପଡ଼ିଛି। ସେହିଭଳି ଚନ୍ଦକା-ଡମପଡ଼ା ବନ୍ୟଜନ୍ତୁ ଅଭୟାରଣ୍ୟ ବାତ୍ୟାରେ ବହୁଳଭାବେ ପ୍ରଭାବିତ ହୋଇଥିବା ବେଳେ କେବଳ ଏଠାରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଗଛ ଭାଙ୍ଗିପଡ଼ିଛି। ତେଣୁ ପୂର୍ବରୁ ଉତ୍ତପ୍ତ ସହର ଥିବା ଭୁବନେଶ୍ୱର ଏବେ ଆହୁରି ଉତ୍ତପ୍ତ ହୋଇଛି।



# ରାଜଧାନୀରେ ବାରିହେଉଛି ତାଣ୍ଡବର ଚିତ୍ର

ସ୍ଥିତପ୍ରଜ୍ଞ ମିଶ୍ର
ଭୁବନେଶ୍ୱର, ୨।୬(ବ୍ୟୁରୋ)

ଗତ ମେ ୩ ତାରିଖରେ ହୋଇଥିବା ପ୍ରଳୟଙ୍କରୀ ବାତ୍ୟା 'ଫନୀ'ର ବିଶେଷ ପ୍ରଭାବ ପୁରୀ ପରେ ଭୁବନେଶ୍ୱରରେ ପଡ଼ିଥିଲା ଏବଂ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଲୋକେ ପାନୀୟ ଜଳଠୁ ଆରମ୍ଭ କରି ଗମନାଗମନ, ବିଦ୍ୟୁତ୍ ଓ ଟେଲି ଯୋଗାଯୋଗ ସେବା ନ ପାଇ ଛଟପଟ ହୋଇଥିଲେ। ଭୁବନେଶ୍ୱରରେ ଥିବା ସରକାରୀ ଓ ଘରୋଇ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ ଓ ଶପିଂ ମଲ ଫନୀ ପ୍ରକୋପରୁ ବର୍ତ୍ତି ପାରି ନ ଥିଲା। କାହା ଉପରେ ଗଛ ପଡ଼ିଥିଲା, କାହାର କାଚ ଭାଙ୍ଗି ଥିଲା ତ କାହାର ନାମଫଳକ ଉଭାନ୍ ହୋଇଯାଇଥିଲା। ଫନୀ ୩ଘଣ୍ଟା ଧରି ତାଣ୍ଡବ ରଚିଥିବାବେଳେ ଭୁବନେଶ୍ୱରବାସୀ ୧୦ଦିନ ଯାଏ ଛଟପଟ ହୋଇଥିଲେ। ରବିବାର ଫନୀକୁ ମାସେ ପୂରିଛି। ସବୁପ୍ରକାରର ସାଧନ ଓ ଲୋକବଳ ଥିବା ସତ୍ତ୍ୱେ ଏଯାବତ୍ ସହରରେ ସ୍ଥିତି ସ୍ୱାଭାବିକ ହୋଇପାରିନାହିଁ। ବସ୍ତିବାସିନ୍ଦାଙ୍କୁ ସରକାରୀ ସହାୟତା ରାଶି ମିଳିପାରି ନ ଥିବାବେଳେ ଏଯାଏ ଘରଭଙ୍ଗା ସର୍ଭେ ପୂରା ହୋଇପାରି ନାହିଁ। ଫନୀ ମୁକାବିଲା ଲାଗି ବ୍ୟାପକ ପ୍ରସ୍ତୁତି ହୋଇଥିଲେ ମଧ୍ୟ ଏହି ୩୦ ଦିନରେ ଭୁବନେଶ୍ୱର ଓ ଉପକଣ୍ଠବାସୀଙ୍କୁ ମୌଳିକ ସୁବିଧା ଯୋଗାଇବାରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଓ ଅନ୍ୟ ସରକାରୀ ସଂସ୍ଥା ବିଫଳ ହୋଇଛନ୍ତି।

## ସବୁ ବିପନ୍ନଙ୍କୁ ଏଯାଏ ମିଳିନି ସହାୟତା

ସମସ୍ତ ବସ୍ତିବାସିନ୍ଦାଙ୍କୁ ସହାୟତା ରାଶି ମିଳିବ ବୋଲି ରାଜ୍ୟ ସରକାର କହିଥିଲେ। କିନ୍ତୁ ସହାୟତା ରାଶି ବଣ୍ଟନ ମନ୍ଥର ଗତିରେ ଚାଲିଛି। ଏବେ ଯାଏ ମାତ୍ର ୪୦% ବସ୍ତିବାସିନ୍ଦାଙ୍କୁ ସହାୟତା ମିଳିଛି। ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, ପ୍ରତି ୱାର୍ଡ ଅଫିସର ଓ ଜୋନାଲ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସହାୟତା ରାଶି ଦିଆଯାଉଛି। ବାତ୍ୟା ସମୟରେ ବହୁ ବସ୍ତିବାସିନ୍ଦା ନିଜ ନିଜ ଘରକୁ ଫେରିଯାଇଥିଲେ। ସର୍ଭେ ସମୟରେ ଯେଉଁ ବସ୍ତିବାସିନ୍ଦା ଅନୁପସ୍ଥିତ ଥିଲେ, ସେମାନଙ୍କ ନାମ ତାଲିକାରେ ନାହିଁ। କିନ୍ତୁ ସେମାନେ ସହାୟତା ରାଶି ପାଇଁ ଦାବି କରୁଛନ୍ତି। ତେଣୁ ସହାୟତା ରାଶି ବଣ୍ଟନରେ ସମସ୍ୟା ଉପୁଜୁଛି।

## ଅନ୍ଧାରରେ ବସ୍ତିଅଞ୍ଚଳ

ବାତ୍ୟାକୁ ମାସେ ବିତିଯାଇଥିଲେ ମଧ୍ୟ ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳ ସମେତ ସାଲିଆ ସାହି, ଧିରକୁଟି ବସ୍ତି, ତାରିଣୀ ବସ୍ତି, ଶାନ୍ତିପଲ୍ଲୀ ବସ୍ତି ଆଦି ମୁଖ୍ୟ ବସ୍ତିଗୁଡ଼ିକୁ ଛାଡ଼ିଦେଲେ ଅଧିକାଂଶ ବସ୍ତି ଅଞ୍ଚଳ ଏବେ ବି ଅନ୍ଧାରରେ ଅଛି। ବିଦ୍ୟୁତ୍ ତାର ଟଣାଯାଇଛି, ହେଲେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଏନେଇ କାର୍ଗିଲ ବସ୍ତିର ରାମହରି ଜେନା କହିଛନ୍ତି, ବିଜୁଳି ଦେବା ଲାଗି ଅଫିସରଙ୍କୁ ନେହୁରା ହେଉଛୁ, କିନ୍ତୁ ଆଜିକାଲି କହି ସେମାନେ ଭୁଆଁ ବୁଲାଉଛନ୍ତି। ଏବେ ତାର ଟଣା ହୋଇଛି, ବିଜୁଳି କେବେ ଆସିବ ଜଣାନାହିଁ। ଅନ୍ୟପକ୍ଷରେ ସହରର ଅନେକ ଗଳିକନ୍ଦି ରାସ୍ତାରେ ଆଲୋକୀକରଣ ବ୍ୟବସ୍ଥା ହୋଇପାରିନାହିଁ।

## ଭଙ୍ଗାଗଛ ରଖିବାକୁ ଜାଗା ନାହିଁ

ଫନୀ ଦ୍ୱାରା ଭୁବନେଶ୍ୱରର ଅଧିକାଂଶ ଗଛ ଭାଙ୍ଗିପଡ଼ିଛି। ଫଳରେ ସହରରେ ସଫେଇ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇ ଭାଙ୍ଗି ପଡ଼ିଥିବା ଗଛ ଉଠାଯାଉଛି। କିନ୍ତୁ ସେଗୁଡ଼ିକୁ ରଖିବା ଲାଗି ସ୍ଥାନ ନିରୂପଣ କରାଯାଇ ପାରିନାହିଁ। ୟୁନିଟ-୩ ପ୍ରଦର୍ଶନୀ ପଡ଼ିଆ ଓ କ୍ୟାପିଟାଲ ହସ୍ପିଟାଲ ପଛପଟ ସ୍କୁଲ ପଡ଼ିଆ ପରି ଆଉ ଦୁଇଟି ସ୍ଥାନରେ ସେଗୁଡ଼ିକୁ ଅସ୍ଥାୟୀ ଭାବେ ରଖାଯାଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କର ଶପଥ ଗ୍ରହଣ ଉତ୍ସବ ଲାଗି ପ୍ରଦର୍ଶନୀ ପଡ଼ିଆରୁ ସେଗୁଡ଼ିକୁ ଭୁଆସୁଣି, ଦାରୁଠେଙ୍ଗ ଓ ଜଟଣୀରେ ଥିବା ଡମ୍ପିଂୟାର୍ଡକୁ ସ୍ଥାନାନ୍ତର କରିବାକୁ ପ୍ରୟାସ କରାଯାଇଥିଲା। କିନ୍ତୁ ଜଟଣୀରେ ଲୋକେ ବିରୋଧ କରିବାରୁ ସେଗୁଡ଼ିକୁ ଭୁଆସୁଣି ଡମ୍ପିଂୟାର୍ଡରେ ରଖାଯାଇଛି। କିନ୍ତୁ ଅଧିକ ଗ୍ରୀଷ୍ମପ୍ରବାହ ଫଳରେ ଦାରୁଠେଙ୍ଗ ପରି ଭୁଆସୁଣିରେ କାଳେ ନିଆଁ ଲାଗିଯିବ, ସେ ଡରରେ ନିକଟବର୍ତ୍ତି ଅଞ୍ଚଳରେ ଏକ ଅଗ୍ନିଶମ ଗାଡ଼ିକୁ ରଖାଯାଇଛି।

## ପାଲ ତଳେ ଜୀବନ

ଭୁବନେଶ୍ୱରର ଅଧିକାଂଶ ବସ୍ତିରେ ବସବାସ କରୁଥିବା ଗରିବ ଖଟିଖିଆମାନଙ୍କ ଜୀବନ ଏବେ ପାଲତଳେ କଟୁଛି। କିଏ ସରକାରଙ୍କଠାରୁ ୫୦୦ଟଙ୍କା ପାଇ ପାଲଟିଏ କିଣିଛି ତ ଆଉ କିଏ ପୁରୁଣା ଚିରା ପାଲ ବାନ୍ଧି ରହିଛି। ଏଭଳି ସ୍ଥିତିରେ ଦିନରେ ଖରାର ପ୍ରକୋପ ଓ ସନ୍ଧ୍ୟା ହେଲେ ସରୀସୃପଙ୍କ ଭୟ ସେମାନଙ୍କୁ ବ୍ୟତିବ୍ୟସ୍ତ କରୁଛି। ବାତ୍ୟାରେ ଯେଉଁମାନଙ୍କ ଘର ଭାଙ୍ଗିଛି, ସେମାନଙ୍କୁ ଘର ଓ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ମରାମତି ଲାଗି ଅର୍ଥ ରାଶି ଦେବା ଲାଗି ସରକାର ପ୍ରତିଶ୍ରୁତି ଦେଇଥିଲେ। ପ୍ରଥମେ ସର୍ଭେ ଓ ତା'ପରେ ଅର୍ଥରାଶି ମିଳିବ ବୋଲି କୁହାଯାଇଥିଲା। ହେଲେ ଫନୀକୁ ମାସେ ପୂରିଲା ପରେ ମଧ୍ୟ ଏହି କାର୍ଯ୍ୟରେ କିଛି ବି ଅଗ୍ରଗତି ହୋଇପାରିନାହିଁ। ପ୍ରଶାସନ ଏଯାବତ୍ ଲୋକଙ୍କ ନିକଟରେ ପହଞ୍ଚି ପାରିନାହିଁ।

## ସୁଧୁରିପାରିନି ପାର୍କ ଅବସ୍ଥା

ଭୁବନେଶ୍ୱରର ମୁଖ୍ୟ ପାର୍କଗୁଡ଼ିକରୁ କେବଳ ଭାଙ୍ଗିପଡ଼ିଥିବା ଗଛଗୁଡ଼ିକୁ ସ୍ଥାନାନ୍ତର କରାଯାଇଛି ଓ ଅଳିଆ ସଫା କରାଯାଇଛି। ହେଲେ ଭାଙ୍ଗିପଡ଼ିଥିବା ପାଚେରିକୁ ଏଯାବତ୍ ଛିଡ଼ା କରାଯାଇ ନାହିଁ କି ଅନ୍ୟ କିଛି ପୁନରୁଦ୍ଧାର କାର୍ଯ୍ୟ କରାଯାଇ ନାହିଁ। ଆଇଜି ପାର୍କ, ଫରେଷ୍ଟ ପାର୍କ, ମୁଖାର୍ଜୀ ପାର୍କ, ବୁଦ୍ଧ ପାର୍କ ଓ ଗାନ୍ଧୀ ପାର୍କରେ ଏବେ ବି ଫନୀ ତାଣ୍ଡବର ଚିତ୍ର ବାରି ହୋଇପଡୁଛି। ପାଚେରି ଭାଙ୍ଗି ଖୋଲା ରହିଥିବା ଯୋଗୁ ରାତି ହେଲେ ନିଶାସକ୍ତ ଓ ଅସାମାଜିକଙ୍କ ପାର୍କରେ ଆଡ୍ଡା ଜମୁଛି।

## ବାତ୍ୟା ଦିନ ଓ ଏବେ










# ଦିବ୍ୟାଙ୍ଗ ହୋଇଗଲେ ଲକ୍ଷ୍ମୀଧର

ପୁରୀ ଅଫିସ, ୨।୬

ଫନୀ କେବଳ ଘର କିମ୍ବା ଗଛ ଭାଙ୍ଗିଛି ତାହା ନୁହେଁ ଅନେକଙ୍କ ଜୀବନ ଜୀବିକାର ଉତ୍ସକୁ ମଧ୍ୟ ଉଜାଡ଼ି ଦେଇଛି। ଅନେକଙ୍କ ଜୀବନ ନେଇଛି। ସେହିପରି କେତେକଙ୍କୁ ଦିବ୍ୟାଙ୍ଗ କରି ଦେଇଛି। ଯାହାର ଏକ ଉଦାହରଣ ହେଉଛନ୍ତି ଲକ୍ଷ୍ମୀଧର। ଅନ୍ୟକୁ ଉଦ୍ଧାର କରିବାକୁ ଯାଇ ଗୋଟିଏ ଗୋଡ଼ ହରାଇ ସେ ପାଲଟିଯାଇଛନ୍ତି ଦିବ୍ୟାଙ୍ଗ।

ପୁରୀ ସଦର ତଳଜଙ୍ଗ ପଞ୍ଚାୟତ ନଇକୂଳ ସାହିର ଲକ୍ଷ୍ମୀଧର ଜେନା (୪୦)। ଚାଷବାସ କରି ନିଜ ସଂସାର ଚଳାନ୍ତି। ହେଲେ ଜଣେ ସ୍ୱେଚ୍ଛାସେବୀ ଭାବେ ସେ ଆଖପାଖ ଅଞ୍ଚଳରେ ବେଶ୍ ଜଣାଶୁଣା। ସେଦିନ ବାତ୍ୟା ପୂର୍ବରୁ ଗାଁର ଅନ୍ୟ କେତେଜଣ ଯୁବକଙ୍କୁ ସାଥୀରେ ଧରି ବୃଦ୍ଧାବୃଦ୍ଧ, ମହିଳା, ଛୋଟ ପିଲାଙ୍କୁ ସୁରକ୍ଷିତ ସ୍ଥାନକୁ ନେବା କାର୍ଯ୍ୟରେ ଲାଗି ପଡିଥିଲେ। ୩ ତାରିଖ ସକାଳ ପ୍ରାୟ ୯ଟା ସମୟରେ ପବନର ବେଗ ବଢିଥିଲା। ଏହି ସମୟରେ ଏକ ଗୁହାଳ ଘରେ ରହିଥିବା ୨ ଜଣ ଛୋଟ ପିଲା



ଏବଂ ଜଣେ ବୃଦ୍ଧାଙ୍କୁ ନିରାପଦ ଭାବେ ସୁରକ୍ଷିତ ସ୍ଥାନକୁ ନେବା ପରେ ଗାଈକୁ ଫିଟାଉଥିଲେ। ଏତିକି ବେଳେ ଏକ ନଡିଆ ଗଛ ଭାଙ୍ଗି ତାଙ୍କ ଡାହଣ ଗୋଡ ଉପରେ ପଡିଯିବାରୁ ପ୍ରବଳ ରକ୍ତସ୍ରାବ ସହ ଗଭୀର କ୍ଷତ ହୋଇଥିଲା। ଗାଁ ଲୋକେ ସେହି ବର୍ଷା ପବନରେ ଏକ ଖଟିଆରେ ତାଙ୍କୁ ପ୍ରଥମେ ପୁରୀ ଜିଲା ସଦର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚାଇଥିଲେ। ହେଲେ ସେଠାରେ କେବଳ ପ୍ରାଥମିକ ଚିକିତ୍ସା କରାଯାଇ ତୁରନ୍ତ କଟକ କି ଭୁବନେଶ୍ୱର ନେବାକୁ କୁହାଯାଇଥିଲା। ହେଲେ ରାସ୍ତାରେ ଗଛ, ବିଦ୍ୟୁତ୍ ଖୁଣ୍ଟ ପଡିଥିବା ଯୋଗୁ କୌଣସି ଆମ୍ବୁଲାନ୍ସ ରାଜି ହୋଇ ନ ଥିଲେ। ସେଦିନ ସେମିତି ଯନ୍ତ୍ରଣାରେ ପୁରୀ ମେଡିକାଲରେ ରାତି ବିତିଗଲା। ପରଦିନ ସକାଳେ ଏକ ଆମ୍ବୁଲାନ୍ସରେ ବହୁ କଷ୍ଟରେ ତାଙ୍କୁ ଭୁବନେଶ୍ୱର ପହଞ୍ଚା ଯାଇଥିଲା। ହେଲେ ଏ ହସ୍ପିଟାଲ ସେ ହସ୍ପିଟାଲ ଏମିତି କି ଏସ୍‌ସିବି ଯାଇ ପୁଣି ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲରେ ପହଞ୍ଚିଥିଲେ। ବିଳମ୍ବ ହୋଇଯାଇଥିବାରୁ ଭାଙ୍ଗି ଯାଇଥିବା ଗୋଡ଼ ଆଉ ଯୋଡ଼ିବା ସମ୍ଭବ ନୁହେଁ ବୋଲି ଡାକ୍ତର ପରୀକ୍ଷା କରି କହିଥିଲେ। ଏହାପରେ ଅସ୍ତ୍ରୋପଚାର କରାଯାଇ ଆଣ୍ଠୁ ଉପରଠୁ ଗୋଡକୁ କାଟିବାକୁ ପଡିଥିଲା। ଏବେ ସୁସ୍ଥ ହୋଇଯାଇଛନ୍ତି ଲକ୍ଷ୍ମୀଧର। କିନ୍ତୁ କୃତ୍ରିମ ଗୋଡ ଲଗାଇବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ଏଥିପାଇଁ ବହୁତ ଅର୍ଥ ଆବଶ୍ୟକ, ଯାହାକୁ ନେଇ ଚିନ୍ତାରେ ଅଛନ୍ତି ଲକ୍ଷ୍ମୀଧର ଏବଂ ତାଙ୍କ ସହଯୋଗୀମାନେ। ତେଣୁ କୌଣସି ବଦାନ୍ୟ ବ୍ୟକ୍ତି ବା ଅନୁଷ୍ଠାନ ତାଙ୍କୁ ସହଯୋଗ କଲେ ସେ ପୁଣି ତାଙ୍କ ସେବାକୁ ଜାରି ରଖିବେ ବୋଲି କହିଛନ୍ତି।

## ଅଣ୍ଟା ସଳଖିପାରିନି ଶିକ୍ଷାନୁଷ୍ଠାନ

**ଭୁବନେଶ୍ୱର, ୨।୬ (ବ୍ୟୁରୋ):** ଫନୀର କରାଳ ରୂପରେ କ୍ଷତିଗ୍ରସ୍ତ ହୋଇଥିବା ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକ ଏପର୍ଯ୍ୟନ୍ତ ଅଣ୍ଟା ସଳଖି ପାରିନାହାନ୍ତି। ବାତ୍ୟାକୁ ମାସେ ପୂରିଥିଲେ ବି ଯାହା ଯେମିତି ଥିଲା ସେମିତି ପଡ଼ିରହିଛି। ଫନୀ ଦ୍ୱାରା ରାଜ୍ୟରେ ୬ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଛାରଖାର ହୋଇଯାଇଥିଲା। ଅଧିକାଂଶ ସ୍କୁଲ୍ କଲେଜ ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିଲା। ୧୨ ଜିଲାର ୬,୦୦୦ରୁ ଅଧିକ ସ୍କୁଲ୍ କ୍ଷତିଗ୍ରସ୍ତ ହୋଇଥିବା ବେଳେ ୩୦୦ରୁ ଊର୍ଦ୍ଧ୍ୱ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କ୍ଷତିଗ୍ରସ୍ତ ହୋଇଥିଲା। ରାଜଧାନୀରେ ଥିବା ଉତ୍କଳ ବିଶ୍ୱବିଦ୍ୟାଳୟ(ବାଣୀବିହାର), ରମାଦେବୀ ବିଶ୍ୱବିଦ୍ୟାଳୟ, ବିଜେବି କଲେଜ ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନ ମଧ୍ୟ ଏପର୍ଯ୍ୟନ୍ତ ଭଙ୍ଗାରୁଜା ଅବସ୍ଥାରେ ପଡ଼ିରହିଛି। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱରେ ରହିଥିବା ବିଜେବି କଲେଜର ଭଙ୍ଗା ପାଚେରି ମୁଖ୍ୟରାସ୍ତା ପଟକୁ ସେମିତି ପଡ଼ିରହିଛି। ସେହିଭଳି ବାଣୀବିହାର ଲେଡିଜ ହଷ୍ଟେଲ ପାଚେରି ଓ ଅଧିକାଂଶ ବିଭାଗର ପାଚେରି ଏବେ ବି ଭଙ୍ଗା ଅବସ୍ଥାରେ ରହିଛି। ଖୁବ୍‌ଶୀଘ୍ର ନୂତନ ଶିକ୍ଷାବର୍ଷର ପାଠପଢ଼ା ଆରମ୍ଭ ହେବାକୁ ଯାଉଥିବା ବେଳେ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ସଜାଡ଼ିବା ଜରୁରୀ ହୋଇପଡ଼ିଛି।

## ପୁରୀରେ ବ୍ୟାପିଲା ଝାଡାବାନ୍ତି

# ଶତାଧିକ ଆକ୍ରାନ୍ତ, ନାବାଳକ ମୃତ

ପୁରୀ ଅଫିସ, ୨।୬

ଫନୀ ପରେ ପୁରୀ ଜିଲାରେ ପରିମଳ ବ୍ୟବସ୍ଥା ବିଗିଡ଼ିଯାଇଥିବାବେଳେ ଜିଲାର ଅନେକ ସ୍ଥାନରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ବଳିଆପଣ୍ଡା ବସ୍ତିରେ ଝାଡାବାନ୍ତିରେ ଶତାଧିକ ଆକ୍ରାନ୍ତ ହୋଇଛନ୍ତି। ସେହିପରି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ମଙ୍ଗଳା ବସ୍ତିର ଆକାଶ ସ୍ୱାଇଁ(୧୦)ଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ଚିକିତ୍ସାରେ ଅବହେଳାରୁ ତାଙ୍କର ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ଗଣମାଧ୍ୟମ ଆଗରେ କହିଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅମରେନ୍ଦ୍ର ମହାନ୍ତି ଏହାକୁ ଖଣ୍ଡନ କରିଛନ୍ତି। ଅନ୍ୟପକ୍ଷରେ ଝାଡାବାନ୍ତି ଖବରପାଇ ଜିଲା ଚିକିତ୍ସାଧିକାରୀ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏକ ସ୍ୱାସ୍ଥ୍ୟ ଟିମ୍ ବସ୍ତିରେ ଆକ୍ରାନ୍ତଙ୍କ ଚିକିତ୍ସା କରୁଛନ୍ତି। ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣାଧିନ ରହିଥିବା ସେ କହିଛନ୍ତି।

ବାତ୍ୟାରେ ବଳିଆପଣ୍ଡା ବସ୍ତି ଛାରଖାର ହୋଇଯାଇଥିଲା। ବାତ୍ୟା ପରେ ବସ୍ତିରେ ପାନୀୟଜଳ ଏବଂ ଖାଦ୍ୟ ସାମଗ୍ରୀର ଘୋର ଅଭାବ ଦେଖାଦେଇଥିଲା। ଲୋକେ ରିଲିଫ ଏବଂ ବାହାରୁ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପ୍ରଦତ୍ତ ରନ୍ଧାଖାଦ୍ୟ ଉପରେ ନିର୍ଭର କରୁଥିଲେ। ଗତ ୪ଦିନ ହେଲା ବସ୍ତିରେ ପାନୀୟଜଳ ସମସ୍ୟା ସୃଷ୍ଟି ହୋଇଥିଲା। ବସ୍ତି ବାସିନ୍ଦା ଏଣେତେଣେ ସ୍ଥାନରୁ ପାଣି ଆଣି ବ୍ୟବହାର କରୁଥିଲେ। ଫଳରେ ଏଭଳି ସ୍ଥିତି ଉପୁଜିଥିବା ଆଶଙ୍କା କରାଯାଇଛି।

## ସଂକ୍ଷେପରେ

### ଲୁଟେରାଙ୍କୁ ଧରିଲା ଆର୍‌ପିଏଫ୍‌

ଭୁବନେଶ୍ୱର,୨।୬(ବ୍ୟୁରୋ): ଭୁବନେଶ୍ୱର ରେଲୱେ ଷ୍ଟେଶନ ଫୁଟ ଓଭରବ୍ରିଜ ଉପରେ ମୋବଇଲ ବ୍ୟାଗ ଛଡାଇ ଫେରାର ହେଉଥିବା ଜଣେ ଲୁଟେରାଙ୍କୁ ଆରପିଏଫ ସ୍ପେଶାଲ ସ୍କ୍ୱାଡ ପୋଲିସ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ରସୁଲଗଡର ଶଶିକାନ୍ତ ପ୍ରଧାନ(୨୦)। ସୂଚନା ମୁତାବକ ଅନୁଗୁଳ ଜିଲା ହଣ୍ଡପା ଅଞ୍ଚଳର ମନୋଜ କୁମାର ପ୍ରଧାନ ଶନିବାର ବିଳମ୍ବିତ ରାତିରେ ଘରକୁ ଫେରିବା ନେଇ ଟ୍ରେନକୁ ଅପେକ୍ଷା କରିଥିଲେ। ମନୋଜ ଟ୍ରେନ ଧରିବା ନେଇ ରାତି ୧ଟା ୩୦ ସମୟରେ ଫୁଟ ଓଭରବ୍ରିଜରେ ଆସୁଥିବା ବେଳେ ଅଭିଯୁକ୍ତ ତାଙ୍କ ବ୍ୟାଗ ଏବଂ ମୋବଇଲ ଛଡାଇ ଫେରାର ହୋଇଯାଇଥିଲା। ମନୋଜଙ୍କ ଚିତ୍କାର ଶୁଣି ଆରପିଏଫ ଏବଂ ସ୍ପେଶାଲ ସ୍କ୍ୱାଡ ଶଶୀକାନ୍ତଙ୍କୁ ମାଡିବସିଥିଲେ। ଅଭିଯୁକ୍ତ ଶଶୀଙ୍କ ନିକଟରୁ ମୋବାଇଲ ଏବଂ ବ୍ୟାଗ ଜବତ କରିବା ସହ ୯୮/୧୯ରେ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ନୟାପଲ୍ଲୀ ବୋମାମାଡ଼ ଘଟଣା: ୨ ଭାଇ ଗିରଫ

ଭୁବନେଶ୍ୱର,୨।୬(ବ୍ୟୁରୋ):ନୟାପଲ୍ଲୀ ଥାନା ଅନ୍ତର୍ଗତ ସୁନାମି କ୍ଲବରେ ଗଣ୍ଡଗୋଳକୁ ନେଇ ଗଡଡ଼ପଡିଆ ନିକଟରେ ହୋଇଥିବା ବୋମାମାଡ ଘଟଣାରେ ପୋଲିସ ରବିବାର ଅଭିଯୁକ୍ତ ଦୁଇଭାଇଙ୍କୁ ଗିରଫ କରିଛି। ସେମାନେ ହେଲେ ସାଲିଆ ସାହି ବସ୍ତି ବିକାଶ ପରିଷଦ ଅଞ୍ଚଳର ସନ୍ତୋଷ ରେଡ୍ଡୀ ଓ ବିକ୍ରମ ରେଡ୍ଡୀ। ଏହି ଘଟଣାରେ ଫେରାର ଥିବା ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି। ସୂଚନା ଅନୁଯାୟୀ, ସୁନାମି କ୍ଲବର କେତେଜଣ ସଦସ୍ୟଙ୍କ ଭିତରେ ଏକ ଭୁଲ୍ ବୁଝାମଣାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଗଣ୍ଡଗୋଳର ରୂପ ନେଇଥିଲା। ରିଙ୍କୁ ସ୍ୱାଇଁଙ୍କ ସହ ଅନ୍ୟ କେତେଜଣଙ୍କର ଶତ୍ରୁତା ବଢ଼ିଥିଲା। ଗତ ୨୯ ତାରିଖ ବିଳମ୍ବିତ ରାତିରେ ରିଙ୍କୁ ବାଇକରେ ଘରକୁ ଫେରୁଥିବାବେଳେ ଅଭିଯୁକ୍ତମାନେ ତାଙ୍କ ଉପରକୁ ବୋମାମାଡ଼ କରି ଫେରାର ହୋଇଯାଇଥିଲେ। ପୋଲିସ ପହଞ୍ଚି ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ରିଙ୍କୁଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲା। ପରେ ଏନେଇ ରିଙ୍କୁଙ୍କ ପିତା କୃଷ୍ଣଚନ୍ଦ୍ର ସ୍ୱାଇଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୫୯/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ରବିବାର ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି ପଚରା ଉଚରାପରେ କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

### ବାତ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ

ବାରଙ୍ଗ,୨।୬(ଡି.ଏନ୍.ଏ.): ମଦମୁକ୍ତ ଯୁବବାହିନୀ ଭୁବନେଶ୍ୱର ଶାଖା ପକ୍ଷରୁ ରବିବାର ଚନ୍ଦକା-ଡମପଡା ଅଭୟାରଣ୍ୟର ଡେରାସ ପାଖରେ ଥିବା ଗ୍ରାମଗୁଡ଼ିକରେ ରିଲିଫ ବଣ୍ଟନ କରାଯାଇଥିଲା। ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରବର୍ଗଙ୍କୁ ଖାଦ୍ୟପଦାର୍ଥ ସାଙ୍ଗକୁ ମସାରି ଓ ସୋଲାର ଲାଇଟ ବଣ୍ଟନ କରାଯାଇଥିଲା। ନୂଆକୁଅ ଆଦିବାସ ଗ୍ରାମ, ବେଣ୍ଟାସାହି, ଡାଂହାଣିଗାଡିଆ,ପିଠାଖିଆକୁ ମିଶାଇ ୨ସହ ପରିବାରକୁ ମସାରି, ସୋଲାରଲାଇଟ, ହରଡଡାଲି, ମହମବତି, ଦିଆସିଲ ଆଦି ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ତାରକାନ୍ତ ନାୟକ, ଅକ୍ଷୟ ରାଉତରାୟ, ସଞ୍ଜୟ କୁମାର ସ୍ୱାଇଁ,ସୌମ୍ୟରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଦୁର୍ଦ୍ଧାନ୍ତ ପଥର ମାଫିଆ ସଞ୍ଜୀୟ ଗିରଫ

ଭୁବନେଶ୍ୱର,୨।୬(ବ୍ୟୁରୋ)


ଜବତ ହୋଇଥିବା ସାମଗ୍ରୀ


ଗିରଫ ଅଭିଯୁକ୍ତ ସଞ୍ଜୀୟ

- ବିପୁଳ ବିସ୍ଫୋରକ ଜବତ
- ଗ୍ୟାଙ୍ଗରେ ରହିଛନ୍ତି ୨୦ରୁ ଊର୍ଦ୍ଧ୍ୱ ସଦସ୍ୟ
- ପୂର୍ବରୁ ଚଢ଼ାଉବେଳେ ଖସି ଯାଇଥିଲେ

ଖୋର୍ଦ୍ଧା ଅଞ୍ଚଳରେ ଆତଙ୍କ ଖେଳାଉଥିବା ଦୁର୍ଦ୍ଧାନ୍ତ ପଥର ମାଫିଆ ସଞ୍ଜୀୟ କୁମାର ପାଇକରାୟଙ୍କୁ ରବିବାର କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ରବିବାର ଗିରଫ କରିଛି। ଏଥିସହ ତାଙ୍କ ଘରୁ ବିପୁଳ ପରିମାଣର ବିସ୍ଫୋରକ ଜବତ କରିଛି। ଜବତ ବିସ୍ଫୋରକ ସାମଗ୍ରୀ ମଧ୍ୟରେ ୧୦ କେଜି ଆମୋନିଆ ନାଇଟ୍ରେଟ୍ ପାଉଡର, ଜିଲୋଟିନ ସମେତ ରଡ୍, ତାର, ଷ୍ଟାବିଲାଇଜର ଆଦି ରହିଛି। ତେବେ ସଞ୍ଜୀୟ ଓ ତାଙ୍କ ଗ୍ୟାଙ୍ଗ୍ ଉପରେ କ୍ରାଇମବ୍ରାଞ୍ଚର ପଦକ୍ଷେପ ପରେ ଏବେ ସ୍ଥାନୀୟ ପୋଲିସର କାର୍ଯ୍ୟଧାରାକୁ ନେଇ ବଡ଼ ପ୍ରଶ୍ନ ଉଠୁଛି।

ଆଲୁ ଖୋଲୁ ଖୋଲୁ ମହାଦେବ ବାହାରିବା ପରି ଡକାୟତି ଯୋଜନାବେଳେ ଧରାପଡିଥିବା ଅଭିଯୁକ୍ତଙ୍କୁ ପଚରାଉଚରା କରି ସଞ୍ଜୀୟ ଓ ତାଙ୍କ ଗ୍ୟାଙ୍ଗ୍ ସମ୍ପର୍କରେ ସୁରାକ ପାଇଥିଲା ଏସ୍‌ଟିଏଫ୍। ଗତ ୩୧ ତାରିଖରେ ସେମାନେ ୧୬ ନଂ. ଜାତୀୟ ରାଜପଥରୁ ଏସ୍‌ଏଚ୍‌ଜି ଗ୍ରୁପ୍‌ର ୧୦ ଲକ୍ଷ ଟଙ୍କା ଲୁଟ୍ ପାଇଁ ଯୋଜନା କରୁଥିବାବେଳେ ରାଜପଥ କଡ଼ର ଏକ ଅନ୍ଧାରୁଆ ସ୍ଥାନରେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଥିଲା। ହେଲେ ସଞ୍ଜୀୟ ପୋଲିସକୁ ଦେଖି ଘଟଣାସ୍ଥଳରୁ ଖସି ଯାଇଥିଲେ। ତେବେ ଗିରଫ ଅଭିଯୁକ୍ତଙ୍କ ବୟାନ ଆଧାରରେ ଏସ୍‌ଟିଏଫ୍ ଟିମ୍ ଶନିବାର ରାତି ପ୍ରାୟ ୨ଟାବେଳେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ କୁମାରବସ୍ତସ୍ଥିତ ସଞ୍ଜୀୟଙ୍କ ଘରେ ଚଢ଼ାଉ କରି ତାଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଏନେଇ ତାଙ୍କ ବିରୋଧରେ ଏସ୍‌ଟିଏଫ୍ ୭/୧୯ରେ ମାମଲା ରୁଜୁ କରିବା ସହ ସଞ୍ଜୀୟଙ୍କୁ ପଚରାଉଚରା ପରେ ଖୋର୍ଦ୍ଧା ଏସ୍‌ଡିଜେଏମଙ୍କ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ତାଙ୍କ ଆପରାଧିକ ସାମ୍ରାଜ୍ୟ ବିଷୟରେ ଅଧିକ ଖୋଳତାଡ଼ ପାଇଁ ସଞ୍ଜୀୟଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା କରୁଥିବା ସୂଚନା ମିଳିଛି।

ତେବେ ପଚରାଉଚରାବେଳେ ଏସ୍‌ଟିଏଫ୍ ଟିମ୍‌କୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ସଞ୍ଜୀୟ ନିଜେ ବେଆଇନ ଖଣି ଚଳାଇବା ସହ ତାପଙ୍ଗ ଅଞ୍ଚଳରେ ଅସାମାଜିକ ତଥା ଅପରାଧୀଙ୍କୁ ହାତ କରି ବେଆଇନ ପଥର କାରବାର ଚଳାଇଥିଲା। ଯେଉଁମାନେ ଏହାର ପ୍ରତିବାଦ କରୁଥିଲେ ସଞ୍ଜୀୟଙ୍କ ଗ୍ୟାଙ୍ଗ୍ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଧମକ ଦେଇ ପାଟି ଚୁପ୍ କରୁଥିଲା। ଉକ୍ତ ଗ୍ୟାଙ୍ଗ୍‌ରେ ୨୦ରୁ ଊର୍ଦ୍ଧ୍ୱ ସଦସ୍ୟ ରହିଥିବାବେଳେ ସଞ୍ଜୀୟ ସେମାନଙ୍କୁ ବନ୍ଧୁକ, ଗୁଳି ଓ ଗୋଳାବାରୁଦ ଯୋଗାଉଥିଲେ। ଗ୍ୟାଙ୍ଗ୍ ସହାୟତାରେ ସଞ୍ଜୀୟ ନିଜ ବେପାରକୁ ବଢ଼ାଇବା ସହ ଦାଦାବଟି ଆଦାୟ ସହ ବିଭିନ୍ନ ଅପରାଧ ଘଟାଉଥିଲେ। ପୋଲିସ ସବୁଜାଣି ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ସେମାନଙ୍କ ଆତଙ୍କରାଜ ସୀମା ଟପିଥିଲା। ସାଧାରଣ ଲୋକେ ମୁହଁ ଖୋଲିବାକୁ ଆଉ ସାହସ କରୁ ନ ଥିଲେ। ଏ ସଂକ୍ରାନ୍ତରେ ପୂର୍ବରୁ ଧରିତ୍ରୀରେ ବାରମ୍ବାର ଖବର ପ୍ରକାଶ ପାଇଥିଲେ ମଧ୍ୟ ପୋଲିସ ସୁରକ୍ଷା ଦେଉଥିବା ନେଇ ମଧ୍ୟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଖବର ପହଞ୍ଚିଥିଲା। ତେବେ ସଞ୍ଜୀୟ କେଉଁଠୁ ବିସ୍ଫୋରକ ଓ ମାରଣାସ୍ତ୍ର ଆଣୁଥିଲେ ଏବଂ ତାଙ୍କ ଗ୍ୟାଙ୍ଗ୍‌ରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହାର ଖୋଳତାଡ଼ ଚଳାଇଛି। ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ଟିଏଫ୍‌ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାଶନାଲ ସ୍କୁଲକୁ ଶ୍ରେଷ୍ଠ ଅନ୍ତର୍ଜାତୀୟ ବିଦ୍ୟାଳୟ

ଭୁବନେଶ୍ୱର, ୨।୬(ବ୍ୟୁରୋ)



ସେଣ୍ଟର ଅଫ୍ ଏଜୁକେଶନାଲ ଡେଭେଲପମେଣ୍ଟ (ସିଇଡି) ପକ୍ଷରୁ ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକଠାରେ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯେଉଁଠାରେ ଏକବିଂଶ ଶତାବ୍ଦୀର ଶିକ୍ଷାବିତ୍‌ମାନେ ଆଗାମୀଦିନର ଶିକ୍ଷା ପ୍ରଣାଳୀ ଓ ତା'ର କିପରି ଠିକ୍ ଉପଯୋଗ ହେବ ସେ ଉପରେ ଆଲୋଚନା କରାଯାଇଥିଲା। ଏହି ପିଢିର ପିଲାମାନେ କିପରି ଉଚ୍ଚମାନର ଶିକ୍ଷା ଓ ନୂତନ ଜ୍ଞାନକୌଶଳ ପାଇ ପାରିବେ ତାହା ହିଁ ଥିଲା ଆଲୋଚନାର ଶିରୋନାମା। ଏଥିରେ ଭାରତରୁ ବହୁ ଶିକ୍ଷାବିତ୍‌ଙ୍କୁ ବିଭିନ୍ନ ପୁରସ୍କାର ଓ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଓଡ଼ିଶାରୁ ଭୁବନେଶ୍ୱରସ୍ଥିତ ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାଶନାଲ ସ୍କୁଲକୁ ୨୦୧୯ ବର୍ଷ ପାଇଁ ବେଷ୍ଟ ଇଣ୍ଟରନାଶନାଲ ସ୍କୁଲ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ଡ. ସ୍ୱରୂପାନନ୍ଦ ମିଶ୍ରଙ୍କୁ ଏ ବର୍ଷର ଅନ୍ତର୍ଜାତିକ ଶିକ୍ଷାବିତ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଦୁଇଟି ପୁରସ୍କାରର ଶ୍ରେୟ ଡ. ମିଶ୍ର ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା, ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ ଓ ବିଦ୍ୟାଳୟର ଚେୟାରମ୍ୟାନ ପବିତ୍ର ରାଉତରାୟଙ୍କୁ ଦେଇଛନ୍ତି।

## କଳ୍ପନା ଦାଶଙ୍କ ବିୟୋଗରେ ଶୋକସଭା

ଭୁବନେଶ୍ୱର,୨।୬(ବ୍ୟୁରୋ): ମହିଳା ଆଇନଜୀବୀ ଏବଂ ଓଡିଶାର ପର୍ବତ ଆରୋହୀ କଳ୍ପନା ଦାଶଙ୍କ ବିୟୋଗରେ ଭୁବନେଶ୍ୱର ବାର ଆସୋସିଏଶନ୍ ଶୋକସଭା କରିଛନ୍ତି। ଓଡିଶାରେ କଳ୍ପନାଙ୍କ ସ୍ମୃତି ସ୍ତମ୍ଭ କରିବା ପାଇଁ ଭୁବନେଶ୍ୱର ଓକିଲ ସଂଘ ଓଡିଶା ସରକାର ଏବଂ ଓଡିଶା ରାଜ୍ୟ ଆଇନଜୀବୀ ପରିଷଦକୁ ନିବେଦନ କରିଛନ୍ତି। ବିଭିନ୍ନ ଦେଶରୁ ସେଠାରେ ଯେପରି ପର୍ବତ ଆରୋହୀମାନେ ଅବ୍ୟବସ୍ଥା ଯୋଗୁ ମୃତ୍ୟୁବରଣ କରୁଛନ୍ତି ତାର ପ୍ରତିକାର ପାଇଁ ଅନ୍ତର୍ଜାତୀୟ ସ୍ତରରେ ଏହି କଥା ଉଠାଇବାର ପାଇଁ ଭୁବନେଶ୍ୱର ବାର୍‌ର ପୂର୍ବତନ ସଭାପତି ଦୁର୍ଗାମାଧବ ମିଶ୍ର କହିଛନ୍ତି।


ସୂଚନାଭବନରେ ରବିବାର ତ୍ରିଭଙ୍ଗ କଳାନିକେତନ ପକ୍ଷରୁ ଭାରତକଳା ସଂସ୍କୃତି ସମ୍ମାନ ପ୍ରଦାନ ଉତ୍ସବରେ କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

## ସରିଲାନି ବିଜେ ରାସ୍ତା ଡ୍ରେନ ମରାମତି

ପୁରୁଣା ଭୁବନେଶ୍ୱର,୨।୬(ଡି.ଏନ.ଏ.)–ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ୨୨ ଦିନିଆ ଚନ୍ଦନଯାତ୍ରା ଶେଷ ହୋଇଛି। ଚଳିତବର୍ଷ ଠାକୁର ଚନ୍ଦନଯାତ୍ରାରେ ବିଜେ ରାସ୍ତାର ୩ ମୁଣ୍ଡିଆ ଛକଠାରେ ପଟାପୋଲରେ ଯାତ୍ରା କରିଥିବା ନେଇ ଶ୍ରଦ୍ଧାଳୁଙ୍କ ମନରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଥିଲା। ପାରମ୍ପରିକ ବିଜେ ରାସ୍ତା ନୁହେଁ ଏଭଳି କି କୌଣସି ବିଜେ ରାସ୍ତାରେ କେବେ ଠାକୁର ପଟାପୋଲରେ ଯାତ୍ରା କରିବା ଦେଖା ଦେଇ ନ ଥିଲା। ସମ୍ପୃକ୍ତ ଠିକାଦାରଙ୍କ ବେପରୁଆ ମନୋଭାବ ଯୋଗୁ ଠାକୁରଙ୍କ ବିଜେରାସ୍ତାରେ ଏଭଳି ଅଶୋଭନୀୟ ଘଟଣା ଦେଖିବାକୁ ମିଳିଥିଲା। ଏଠାରେ ଡ୍ରେନ ନିର୍ମାଣ କାର୍ଯ୍ୟ ଚନ୍ଦନଯାତ୍ରାର ବହୁଦିନ ପୂର୍ବରୁ ନିର୍ମାଣ ହୋଇଥିଲେ ହେଁ ଯାତ୍ରାର ୨୨ଦିନ ପର୍ଯ୍ୟନ୍ତ ସ୍ଥାୟୀ ପ୍ରତିକାର ହୋଇପାରି ନ ଥିଲା। ଏ ନେଇ ରାସ୍ତାରେ ଠାକୁରଙ୍କ ବିଜେ କରିବା ସିନା ବନ୍ଦ ହେଲା କିନ୍ତୁ ସମ୍ପ୍ରତି ରାସ୍ତାରେ ଅନେକ ଗାଡ଼ି ମୋଟର ବିପଦସଙ୍କୁଳ ଅବସ୍ଥାରେ ଯାତ୍ରା କରୁଥିବାବେଳେ ବରିଷ୍ଠ ନାଗରିକମାନେ ଉକ୍ତ ବାଟ ଦେଇ ଯା'ଆସ କରିବାକୁ ଉଚିତ ମନେ କରୁନାହାନ୍ତି। ତୁରନ୍ତ ଏଠାରେ ଠିକାଦାର ଡ୍ରେନ ମରାମତି କରି ପରିସ୍ଥିତିର ସୁଧାର ଆଣିବାକୁ ସ୍ଥାନୀୟବାସିନ୍ଦା ଦାବି କରିଛନ୍ତି। ନଚେତ୍ ଆଗାମୀଦିନରେ କେତେକ ସାମାଜିକ ଅନୁଷ୍ଠାନ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ପୂର୍ବତନ କର୍ପୋରେଟର ପ୍ରମୋଦ ମହାଜନ କୁହନ୍ତି, ଠାକୁରଙ୍କ ଚନ୍ଦନଯାତ୍ରା ପୂର୍ବରୁ ଏଠାରେ ଡ୍ରେନ୍ କାର୍ଯ୍ୟ ଆରମ୍ଭ ପାଇଁ ଆମ୍ଭେ ବିରୋଧ କରିଥିଲୁ। ହେଲେ କେତେଜଣ ଦୂରଦୃଷ୍ଟି ସମ୍ପନ୍ନ ଅଭାବ ବ୍ୟକ୍ତିଙ୍କ ଯୋଗୁ ଏଭଳି ବ୍ୟତିକ୍ରମ ଦେଖାଯାଉଛି।

## ନୃତ୍ୟ, ସଙ୍ଗୀତରେ ସରିଲା ଇଟିକିଲି ମିଟିକିଲି ଉତ୍ସବ

ଭୁବନେଶ୍ୱର,୨।୬(ବ୍ୟୁରୋ)

ରୟାଲ କଲେଜ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ପ୍ରେକ୍ଷାଳୟରେ ଆୟୋଜିତ ଚତୁର୍ବିଂଶତମ ଇଟିକିଲି ମିଟିକିଲି ଉତ୍ସବର ରବିବାର ଥିଲା ଶେଷ ଦିବସ। ଏହି ଅବସରରେ କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କଣ୍ଠ ସଙ୍ଗୀତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ତଥା କବି ଶରତ ଦାଶ ଛୋଟ ପିଲାଙ୍କର ସଙ୍ଗୀତ ପରିବେଷଣ ଶୈଳୀକୁ ପ୍ରଶଂସା କରିଥିଲେ। ପ୍ରତିଯୋଗିତାରେ ସମଗ୍ର ରାଜ୍ୟ ୬୮ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା ସଙ୍ଗୀତ ଭିତ୍ତିକ ନୃତ୍ୟ ପ୍ରତିଯୋଗିତା। ଏଥିରେ ଦୁଇଟି ବିଭାଗରେ ୮୨ ଜଣ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରି ଦେଶାତ୍ମବୋଧକ, ସମ୍ବଲପୁରୀ, ଆଧୁନିକ ତଥା ଅନ୍ୟ ଶୈଳୀର ଏକକ ନୃତ୍ୟ ପରିବେଷଣ କରିଥିଲେ।

## ବରିଷ୍ଠ ନାଗରିକଙ୍କଠାରୁ ଦେଢ଼ ଲକ୍ଷ ଲୁଟ

ଭୁବନେଶ୍ୱର,୨।୬(ବ୍ୟୁରୋ)

**ମାଡମାରି ନେଇଗଲେ ବାଇକ୍, ମୋବାଇଲ**

ରାଜଧାନୀରେ ପୁଣି ମାତିଲେ ଲୁଟେରା। ଶହୀଦ ନଗର ଥାନା ଅଧୀନ ରୂପାଲି ଛକ ଇଉ୍‌କଲ ଅଫିସ ନିକଟରେ ଜଣେ ବରିଷ୍ଠ ନାଗରିକଙ୍କଠାରୁ ଦେଢ଼ ଲକ୍ଷ ଲୁଟି ଅଭିଯୋଗ ହୋଇଛି। ସେହିପରି ଶନିବାର ପଲାଶୁଣୀ ଓଭରବ୍ରିଜ ତଳେ ଦୁଇ ଦୁର୍ବୃତ୍ତ ଜଣେ ଯୁବକଙ୍କୁ ମାଡମାରି ବାଇକ ଛଡାଇ ନେଇଛନ୍ତି।

ସୂଚନା ମୁତାବକ ଶହୀଦ ନଗର ଅଞ୍ଚଳରେ ରହୁଥିବା ବରିଷ୍ଠ ନାଗରିକ ଇଂ ଦୀପକ କୁମାର ସ୍ୱାଇଁ ରବିବାର ଅପରାହ୍ଣରେ ସତ୍ୟନଗରସ୍ଥିତ ଆକ୍ସିସ ବ୍ୟାଙ୍କରୁ ଦେଢ ଲକ୍ଷ ଟଙ୍କା ଉଠାଇ ଘରକୁ ଫେରୁଥିଲେ। ବାଟରେ ଇଉ୍‌କଲ ଅଫିସରେ କିଛି କାମ ଥିବାରୁ ବାଇକ ରଖି ଟଙ୍କା ବ୍ୟାଗକୁ ଡିକିରୁ ବାହାର କରୁଥିବାବେଳେ ବାଇକରେ ଦୁଇଜଣ ଲୁଟେରା ଆସି ଦୀପକଙ୍କଠାରୁ ଟଙ୍କା ଛଡାଇ ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସେହିପରି ପଲାଶୁଣୀ ମୁଣ୍ଡା ବସ୍ତିର ଆର୍ତ୍ତବନ୍ଧୁ ପ୍ରଧାନ ଶନିବାର ରାତି ୧୧ଟା ୩୦ରେ ରସୁଲଗଡ ଆସୁଥିଲେ। ପଲାଶୁଣୀ ଓଭରବ୍ରିଜ ତଳେ ଦୁଇଜଣ ଯୁବକ ତାଙ୍କୁ ଅଟକାଇଥିଲେ। ସେ ରହିବା ପରେ ତାଙ୍କୁ ମାଡ ମାରି ବାଇକ ଚାବି ଛଡାଇନେଇଥିଲେ। ପରେ ତାଙ୍କୁ ଗାଡିରେ ବସାଇ ସତ୍‌ସଙ୍ଗ ବିହାର ନିକଟରେ ଓହ୍ଲାଇ ପଳାଇଯାଇଥିଲେ। ଆର୍ତ୍ତବନ୍ଧୁ ସେଠାରେ ତାଙ୍କ ବନ୍ଧୁଙ୍କୁ ଫୋନ କରି ଲୁଟ ସମ୍ପର୍କରେ ଜଣାଇବାବେଳେ ଦୁଇ ଲୁଟେରା ପୁଣି ଆସି ତାଙ୍କ ମୋବଇଲ ଲୁଟି ନେଇଯାଇଥିଲେ।

## ମରଶରୀରକୁ ସମ୍ମାନର ସହ ସଂସ୍କାର କରିବା ନିୟମ

ଭୁବନେଶ୍ୱର, ୨।୬(ବ୍ୟୁରୋ)

ମୃତ ମଣିଷର ଧନ, ରତ୍ନ, ଯଶ କିଛି ରୁହେ ନାହିଁ। ଜଣଙ୍କର ମୃତ୍ୟୁ ପରେ ତାଙ୍କର ମୃତଦେହ ସଂସ୍କାର ସମ୍ମାନର ସହ କରିବା ଆବଶ୍ୟକ। କିଛିଦିନ ଭିତରେ ଓଡ଼ିଶା ମୃତଦେହ ବୁହାକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ବଦନାମ ମୁଣ୍ଡେଇଥିଲା। ପରେ ରାଜ୍ୟ ସରକାର ମୃତଦେହ କିପରି ବୁହା ହେବ ସେଥିପାଇଁ ଏକ ନୂଆ ଯୋଜନା ଆପଣାଇଲେ। ଏହାକୁ ଆଖି ଆଗରେ ରଖି ଏମ୍‌ସର ଏଫ୍‌ଏମ୍‌ଟି ବିଭାଗ ପକ୍ଷରୁ ରବିବାର ମୃତ ଶରୀରକୁ ହସ୍ପିଟାଲରେ କିପରି ପରିଚାଳନା କରିବା ଆବଶ୍ୟକ ତାକୁ ନେଇ କର୍ମଶାଳା ହୋଇଥିଲା। ଏଥିସହ ମେଡିକୋ ଲିଗାଲ ସୋସାଇଟି ଅଫ୍ ଓଡ଼ିଶାର ୩୭ ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ 'ଡେଷ୍ଟିଚ୍ୟୁଟ୍, ଡାଇଂ ଆଣ୍ଡ ଡେଡ୍' ଶୀର୍ଷକ ଆଲୋଚନା ହୋଇଥିଲା। ଏମ୍‌ସର ନିର୍ଦ୍ଦେଶିକା ପ୍ରଫେସର ବି. ଗୀତାଞ୍ଜଳି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୃତଦେହକୁ ସମ୍ମାନର ସହ ସଂସ୍କାର କରିବା ନିୟମ ବୋଲି ମତବ୍ୟକ୍ତ କରିଥିଲେ। ସୋସାଇଟିର ୬୦ ଜଣ ଫରେନ୍‌ସିକ୍ ମେଡିସିନ ଓ ଟକ୍ସିକୋଲୋଜି ବିଶେଷଜ୍ଞ, ରାଜ୍ୟର ବିଭିନ୍ନ ମେଡିକାଲ କଲେଜର ଫାକଲ୍‌ଟି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଦିଲ୍ଲୀ ଓ ରାୟପୁର ଏମ୍‌ସରୁ ବହୁ ବିଶେଷଜ୍ଞ ବକ୍ତା ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ସର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଏସ୍. ଏନ୍. ମହାନ୍ତି, ମେଡିକୋ ଲିଗାଲ ସୋସାଇଟି ଅଫ୍ ଓଡ଼ିଶାର ସଭାପତି ପ୍ରଫେସର ବି.କେ. ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଫରେନ୍‌ସିକ୍ ମେଡିସିନ ଓ ଟକ୍ସିକୋଲୋଜିର ଅନୁଶାସନ କ୍ଷେତ୍ରରେ ଅବଦାନ ପାଇଁ ଡା. ଏନ୍. କେ. ମହାନ୍ତି, ଡା. ସୁନିତି ଆଚାର୍ଯ୍ୟ, ଡା. ଅନିଲ ଷଡ଼ଙ୍ଗୀ ଓ ଡା. ଜୋଥୀନ କୁମାର ଦାସଙ୍କୁ ସମ୍ମାନିତ କରାଯାଇଥିଲା।

STATE POLLUTION CONTROL BOARD, ODISHA
(DEPARTMENT OF FOREST & ENVIRONMENT, GOVERNMENT OF ODISHA)
Paribesh Bhawan, A/118, Nilakantha Nagar, Unit-VIII, Bhubaneswar-751012, INDIA
No. 5330/ IND-IV-PCP-BMW-40 Dt. 31.05.19

PUBLIC NOTICE

KIND ATTENTION : ALL HEALTH CARE ESTABLISHMENTS (HCEs) OF THE STATE OF ODISHA

Attention of all the Occupiers of Bedded Health Care Establishments (HCEs) in the State of Odisha is drawn to the provision under Section-10 of the Bio-Medical Waste Management Rules, 2016 and amended thereafter which stipulates that "Every occupier or operator handling bio-medical waste, irrespective of the quantity shall make an application in Form-II to the prescribed authority i.e. State Pollution Control Board and Pollution Control Committee, as the case may be, for grant of authorization and the prescribed authority shall grant the provisional authorization in Form-III and the validity of such authorization for bedded health care facility and operator of a common facility shall be synchronized with the validity of the consents".

Hence all the bedded HCEs are required to apply to the State Pollution Control Board, Odisha for grant of consent to operate under Section-25/26 of Water (Prevention and Control of Pollution) Act, 1974 through online system within one month time from the date of publication of the notice. The application for consent to operate online can be made by accessing to Board's website (www.odocmms.nic.in).

It may be noted that failure to comply with the above shall amount to violation of the provisions under Water (PCP) Act, 1974 and punishable under the said Act.

*Sd./- MEMBER SECRETARY*

ODISHA HYDRO POWER CORPORATION LIMITED
OHPC
ISO 9001, 14001 & OHSAS 18001
(A Government of Odisha Undertaking)
Regd. Office: Odisha State Police Housing & Welfare Corporation Building
Vanivihar Chouk, Janpath, Bhoinagar, Bhubaneswar-751022
Tel: 91-0674-2542983, 2542802, 2545526, Fax-2542102
CIN : U40101OR1995SGC003963

No. OHPC/HQ/IT/003/2019/4550 Date: 01.06.2019

TENDER CALL NOTICE

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the OEM authorized vendors for supply of the following materials/ providing services as mentioned below.

| TCN NO. | SCHEDULE | Description of Materials/ Services | Cost of tender paper (Non-refundable) in ₹ | EMD in shape of DD/ Banker's Cheque only (Refundable) in ₹ |
|---|---|---|---|---|
| IT/01/ 2019-20 | (A) | Computers / Desktops, Printers & UPSs. | 11,800.00 (10,000.00 + GST @18%) | 1,15,000/- |
| | (B) | Laptops | 4,720.00 (4,000.00+GST @18%) | 10,000/- |
| | (C) | Network Printer – A3 MFD with accessories | 7,080/- (6,000.00 + GST @18%) | 21,000/- |
| | (D) | MS-Windows Professional 10 SNGL OLP license (MOLP) & Microsoft Office 2019 standard (MOLP) | 11,800.00 (10,000.00 + GST @18%) | 1,35,000/- |
| | (E) | Quick Heal Total Shield Antivirus Software | 2,360.00 (2000.00 + GST @18%) | 2,100/- |

**For details of the tender documents, terms and conditions please visit our website www.ohpcltd.com from dt.03.06.2019.**

AGM (IT)

### ମୋବାଇଲ ଚୋରିକୁ ନେଇ ଆକ୍ରମଣ, ଯୁବକ ମୃତ

# ଥାନା ଆଗରେ ମୃତଦେହ ରଖି ଧାରଣା

ବାରଙ୍ଗ,୨।୬(ଡି.ଏନ୍.ଏ.)

ମୋବାଇଲ ଚୋରି ଘଟଣାକୁ କେନ୍ଦ୍ରକରି ଜଣେ ଯୁବକକୁ ଆକ୍ରମଣ କରିଥିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଭଗବତୀ ନଗରର ଯୋଗୀ ସାମଲଙ୍କୁ ଗତ ୨୬ତାରିଖରେ କୋର୍ଟଚାଲାଣ କରିଥିଲେ। ସେ ଜାମିନରେ ସେହିଦିନ ଫେରିଆସିଥିବାବେଳେ ଆକ୍ରମଣର ଶିକାର ହୋଇଥିବା ଦୀପକ ଭୋଇ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ଶନିବାର ରାତିରେ ମୃତ୍ୟୁ କରିଛନ୍ତି। ରବିବାର ତାଙ୍କର ବ୍ୟବଚ୍ଛେଦ ପରେ ପରିବାରଲୋକ ଓ ଗ୍ରାମବାସୀ ନନ୍ଦନକାନନ ଥାନାକୁ ମୃତଦେହ ନେଇଆସି ସେଠାରେ ଧାରଣା ଦେଇଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଶବଦାହ ପାଇଁ ଫେରିଥିବାର ଜଣାପଡିଛି।

ପ୍ରକାଶ ଯେ, ଅଭିଯୋଗର ଦୁଇ/ତିନି ପୂର୍ବରୁ ଉକ୍ତ ଥାନା ଅନ୍ତର୍ଗତ ପଦାସାହି ଗ୍ରାମର ଭଗବତୀ ନଗର ପାଖରେ ଥିବା ହୁଙ୍କାଗୋସେଁଇ ମନ୍ଦିରରେ ଆରତ ସାମଲ (ଯୋଗୀ) ତାଙ୍କର ମୋବାଇଲ ଚାର୍ଜରେ ବସାଇଥିଲେ। କିଛିସମୟ ପରେ ତାଙ୍କ ମୋବାଇଲ ଚୋରି ହୋଇଥିବାର ଦେଖିଥିଲେ। ଏହାପରେ ସେଠାରେ ଥିବା ସେହି ଗ୍ରାମର ଦୀପକ ଭୋଇଙ୍କୁ ସନ୍ଦେହରେ ଯୋଗୀ ଆକ୍ରମଣ କରିବା ସହ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ। ସ୍ଥାନୀୟ ଗ୍ରାମର କେତେକ ଯୁବକଙ୍କ ହସ୍ତକ୍ଷେପ ଫଳରେ ଦୀପକ ବଞ୍ଚିଯାଇଥିଲେ। ଏହାପରେ ଦୀପକକୁ ପରିବାର ଲୋକ କଟକ ବଡଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ। ପରେ ଏ ନେଇ ଦୀପକର ବାପା ବିନୋଦଙ୍କ ଅଭିଯୋଗକ୍ରମେ ନନ୍ଦନକାନନ ଥାନା ପୋଲିସ ନଂ୪୫/୧୯ରେ ଏକ ମକଦ୍ଦମା ରୁଜୁକରି ଯୋଗୀକୁ ଗିରଫ କରିଥିଲେ ମଧ୍ୟ ସେହିଦିନ ଜାମିନ ମିଳିଯାଇଥିଲା। ଅପରପକ୍ଷେ କଟକ ବଡମେଡିକାଲର କାଜୁୟାଲିଟିରେ ରହି ଚିକିତ୍ସାଧୀନ ଥିବାବେଳେ ଶନିବାର ରାତିରେ ଦୀପକ ମୃତ୍ୟୁ କରିଥିଲେ। ଦୀପକର ମୃତ୍ୟୁ ପରେ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ରବିବାର ବ୍ୟବଚ୍ଛେଦ ହେବା ପରେ ପରିବାରଲୋକ ଗ୍ରାମବାସୀଙ୍କ ସହାୟତାରେ ନନ୍ଦନକାନନ ଥାନା ଆଗରେ ମୃତଦେହ ରଖି ଧାରଣା ଦେଇଥିଲେ। ପ୍ରାୟ ଅଧଘଣ୍ଟାକାଳ ଗ୍ରାମବାସୀଙ୍କୁ ବୁଝାଶୁଝା କରିବାସହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ। ଯଦି ଟର୍ଚ୍ଚିପିବା ଯୋଗୁ ମୃତ୍ୟୁ ହୋଇଥିବ ତେବେ ହତ୍ୟା ମାମଲା ରୁଜୁ ହେବ ବୋଲି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ମୃତଦେହ ନେଇ ଘରକୁ ଫେରିଥିଲେ।

